ନାରୀଚିତ୍ର

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

Digitized by PPRACHIN, SOA

ହିନ୍ଦୀ ସାହିତ୍ୟପ୍ରେମିକ, ସ୍ୱଦେଶଭାଷାପ୍ରେମିକ,

ସ୍ୱଦେଶମଙ୍ଗଳନିରତ, ଅନାଡ଼ମ୍ବରଶୀଳ,

ଲୋକପ୍ରେମିକ, ସାଧୁହୃଦୟ,

କାଶୀବାସୀ

ଶ୍ରୀ ଶିବପ୍ରସାଦ ଗୁପ୍ତ

ମହାଶୟଙ୍କ କରକମଳରେ

ଏହି ପୁସ୍ତକ

ଭକ୍ତି ଏବଂ ପ୍ରୀତିସହକାରେ

ଅର୍ପଣ କଲି ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ।

Digitized by PPRACHIN, SOA

ନାରୀଚିତ୍ର ।

ବୀଣାପାଣି ।

ଦେବୀ ଅବା ମାନବୀ—କହି ପାରିବ ନାହିଁ । ମାନବର ହୃଦୟରେ ଦୁର୍ବଳତା ଅଛି, ସେହି ଦୁର୍ବଳତା ତାର ହୃଦୟରେ ନାହିଁ, ଏପରି ନୁହେଁ; ଦେବୀ ହୃଦୟରେ ଧର୍ମ ଅଛି, ଦୟା ଅଛି, ଦାକ୍ଷିଣ୍ୟ ଅଛି—ଏ ସବୁ ତାର ହୃଦୟରେ ଅଛି । ଅତଏବ ଦେବୀ ଅବା ମାନବୀ—କହି ପାରିବ ନାହିଁ ।

ପ୍ରକୃତିର ଶ୍ୟାମ ଶୋଭା ସନ୍ଦର୍ଶନ କରି କବି ମୁଗ୍ଧ ହୁଏ, ପ୍ରେମିକ ନାରୀର ରୂପମାଧୁରୀରେ ଅଧିକ ମୁଗ୍ଧ ହେବାପାଇଁ ପ୍ରକୃତିର ଶ୍ୟାମ ଶୋଭାରେ ସୌନ୍ଦର୍ଯ୍ୟ ଦର୍ଶନ କରେ; ଅଥବା ନାରୀର ରୂପମାଧୁରୀକୁ ସେହି ଦେହଯଷ୍ଟିରେ କେବଳ ନ ଦେଖି, ଆକାଶର ଇନ୍ଦ୍ରଧନୁ, ପୃଥିବୀର ବନଭୂମି, ନଦୀ, ସରୋବର, ପଦ୍ମ, କୋକିଳ—ଏ ସମସ୍ତଙ୍କଠାରେ ସେହି ସୌନ୍ଦର୍ଯ୍ୟର ପସରା ଖୋଲି ଦିଏ । ସେ କେବଳ ସେହି ସୌନ୍ଦର୍ଯ୍ୟ ନକେ ଭଲ କରି

Digitized by PPRACHIN, SOA

ଦେଖିବାପାଇଁ ଏହି ବଚନ ଅଯୋଜନ କରେ । ତାର ଉକ୍ତ ସୌନ୍ଦର୍ଯ୍ୟ ଅପରକୁ ବିନ୍ୟସ୍ତ କରିବାର ଉଦ୍ଦେଶ୍ୟରେ ନୁହେଁ,—କେବଳ ନିଜେ ଉପଭୋଗ କରିବାପାଇଁ, ଇନ୍ଦ୍ରିୟକୁ ମୁଗ୍ଧ କରି ଅତୀନ୍ଦ୍ରିୟ ସୁଖ ଉପଲବ୍ଧି କରିବାପାଇଁ ସେ ଏହି ଚେଷ୍ଟା କରେ । ସେ ଅଳ୍ପ ଦିନପାଇଁ ସେହି ସ୍ତ୍ରୀଠାରେ ସ୍ୱର୍ଗର ଛବି ଦେଖେ, ମୁଗ୍ଧ ହୁଏ,—ଆଉ କିଛି ବେଶି ବୁଝି ପାରେ ନାହିଁ । ତାହାକୁ ଯେତେବେଳେ ଆକର୍ଷଣ କରେ, ନିଜର ଅଙ୍ଗ ସହିତରେ ମିଶାଇବାକୁ ଇଚ୍ଛା କରେ, ଏକ ହୋଇ ଯିବାକୁ ଇଚ୍ଛା କରେ—ଏକ ମନ, ଏକ ଆତ୍ମା, ଏକ ପ୍ରାଣ—ସେତେବେଳେ ସେ ଯେଉଁ ଅବ୍ୟକ୍ତ ଭାବ, ତାହା କୌଣସି କବିର କଳ୍ପନା ଚିତ୍ରକରର ତୁଳିକାଦ୍ୱାରା କେବେହେଁ ବଶୀକୃତ ହୋଇ ନାହିଁ । ତାହା ହେବା ଅସମ୍ଭବ; ଅନୁଭବଗମ୍ୟ ବସ୍ତୁ ଅନୁଭବଦ୍ୱାରାହିଁ ପରିସ୍ଫୁଟ ହୋଇ ପାରେ, ଅସ୍ଫୁଟ ବସ୍ତୁ ସ୍ଫୁଟ ବାକ୍ୟଦ୍ୱାରା କିପରି ଅବା ପ୍ରକାଶିତ ହେବ ?

ସେଥିପାଇଁ କହୁଅଛି, ଦେବୀ ଅବା ମାନବୀ—କହି ପାରିବି ନାହିଁ । କିସ୍ତରଙ୍ଗ ପାରିବାରର ଅପର ପାରରୁ ଗୋଟିଏ କୁସୁମ ଭାସି ଆସି ହିସାବର ତୀରରେ ଲାଗିଲା । କିନ୍ତୁ ତାହା ଅନିର୍ଦ୍ଦିଷ୍ଟ ଭାବରେ ଭାସି ଆସି ନାହିଁ; ତାହା ତରଙ୍ଗର ଶକ୍ତିରେ ଆସି କୂଳରେ ଲାଗିଅଛି ସତ୍ୟ, କିନ୍ତୁ ତାର ଗତିପଥ କୌଣସି ଅଗମ୍ୟ ଅଚିନ୍ତ୍ୟ ଶକ୍ତିଦ୍ୱାରା ନିୟନ୍ତ୍ରିତ ହୋଇ ଅଥିଲା । ସେ ଆସିବା ସମୟରେ ନାଚି ନାଚି, ଫେନମୟ ସାଗର ବକ୍ଷରେ ଆନ୍ଦୋଳିତ ହୋଇ, ନୀଳ ଆକାଶ ଅଙ୍କକୁ ନିଶୀଥରେ ଅନାଇ, ଶୁଭ୍ର ଚନ୍ଦ୍ରିକାର ଶୁଭ୍ର ସୌନ୍ଦର୍ଯ୍ୟ ପାନ କରି, ରହସ୍ୟମୟ ସୁଦୂର

ତାରକାର ରହସ୍ୟମୟ ଜ୍ୟୋତିଃ ଏବଂ ଛଟା ଦେଖି ଏବଂ ଶ୍ରବଣ କରି, ବଂଶୀର ତାଳ ସହିତ ତାଳ ଦେଇ ଦେଇ ଆସି ସମୁଦ୍ର କୂଳରେ ଉପସ୍ଥିତ ହେଲା ।

ଏ କଥା ଲକ୍ଷ୍ୟ କରିଥିଲା ପ୍ରଥମରେ ଜଣେ ଲୋକ । ସେ ତାର ଜନନୀ, ତାର ଧାତ୍ରୀ, ଯାହାର ଗର୍ଭସମୁଦ୍ରରେ ସେ ଦଶ ମାସ ଭାସୁଥିଲା—ସେ ଆନନ୍ଦିତ ହୋଇ ଏବଂ ଜନନୀଙ୍କୁ ଆନନ୍ଦିତ କରି ।

ପୃଥିବୀ ସମୁଦ୍ରର କୂଳ—ଏହିଠାରେ ତାର ଗତି କିଛି କାଳ ସକାଶ ପରିବର୍ତ୍ତିତ ହେଲା । ସେ ଜଳ ଛାଡ଼ି ସ୍ଥଳ, "ଅପ୍ ତେଜ ମରୁତ୍ ବ୍ୟୋମ" ଛାଡି କ୍ଷିତିରେ ଆସି ଉପସ୍ଥିତ ହେଲା । ଏହିଠାରେ ତାକୁ କିଛି ଦିନ ରହିବାକୁ ହେବ, ସୁଖରେ ଖେଳିବାକୁ ହେବ, ଦୁଃଖରେ କାନ୍ଦିବାକୁ ହେବ, ଦୟାରେ ନିଜ ହୃଦୟକୁ ଆର୍ଦ୍ର କରିବାକୁ ହେବ, ଶୋକରେ ଅଧୀର ହେବାକୁ ହେବ, ଭୀତିରେ କାତର ହେବାକୁ ହେବ । ତାହାକୁ ଏଠାରେ ଅନେକ ଜୀବନର ଉତ୍ଥାନ ପତନ ଦେଖିବାକୁ ହେବ, ନିଜ ଜୀବନର ଉନ୍ନତିର ବିଧାନ କରିବାକୁ ହେବ, ଦୁଇ ଦିନ ପରେ ଯେଉଁ ଅନନ୍ତ ଯାତ୍ରାପଥର ପଥିକ ହେବାକୁ ହେବ, ସେଥିପାଇଁ ପ୍ରସ୍ତୁତ ହେବାକୁ ହେବ ।

ସେହି ଅଭିଜ୍ଞତାପାଇଁ ବୀଣାପାଣିର ମଧ୍ୟ ଏହି ଭବକୂଳର ସମୀପବର୍ତ୍ତୀ ହେବା ।

Digitized by PPRACHIN, SOA

ଅନନ୍ତସମୁଦ୍ରରେ ଅନନ୍ତ ଲୀଳା, ଅନନ୍ତ ସୃଜନ । କିନ୍ତୁ ସମସ୍ତେ ନିୟନ୍ତ୍ରିତ; ମଧ୍ୟରେ ମଧ୍ୟରେ ମନେ ହୁଏ, ଯେପରି ସମସ୍ତ ଅନିୟନ୍ତ୍ରିତ, ସମସ୍ତଙ୍କର ଉଚ୍ଛୃଙ୍ଖଳ ଗତି, ଲକ୍ଷ୍ୟହୀନ, ଅନ୍ଧ, ଅବାଧ । କିନ୍ତୁ ତାହା ନୁହେ—ତାହା ନୁହେ ।

ଜୀବନର ସଙ୍ଗୀ ଅଛି—ଜୀବନ ଏକାକୀ ଅସେ କି ନା କହି ନ ପାରେଁ, କିନ୍ତୁ ଅନନ୍ତ ପୁଷ୍ପରୁ ଅନନ୍ତ ବିନ୍ଦୁ ମଧୁ ସଂଗ୍ରହ କରି ମଧୁକର ଯେପରି ମଧୁଚକ୍ର ରଚନା କରେ, ସେହିପରି ଜୀବନ ସରସ ଏବଂ ମଧୁମୟ ହେବାପାଇଁ ଅସଂଖ୍ୟ ଜୀବନ ସହିତ ମିଶିବାକୁ ଚାହେଁ, ଏକ ହେବାକୁ ଚାହେଁ । ସେ ଯେତେବେଳେ ପ୍ରଥମ ବିକଶିତ ହୁଏ, ସେତେବେଳେ ସେ ମାତା ପିତା, ପିତାମହ, ମାତାମହୀ ଏବଂ ସେମାନଙ୍କର ବନ୍ଧୁବାନ୍ଧବ, ହିତୈଷୀ, ସ୍ନେହୀ—ସମସ୍ତଙ୍କର ସ୍ନେହ, ଆଶୀର୍ବାଦ, ପ୍ରେମ ଆକର୍ଷଣ କରି ସଂସାର-ରଙ୍ଗମଞ୍ଚରେ ପ୍ରଥମ ଉପସ୍ଥିତ ହୁଏ ପଛ; ଏବଂ କ୍ରମେ କ୍ରମେ ନିଜର ବନ୍ଧୁ, ମିତ୍ର, ସୁହୃଦ, ସୋଦର ସଂଗ୍ରହ କରି ଆନନ୍ଦଲୀଳାର ଆୟୋଜନ କରେ ଏବଂ ସେମାନଙ୍କୁ ଦେଇ ଆନନ୍ଦ ଉପଭୋଗ କରେ । ପରିଶେଷରେ ବୃକ୍ଷ ଯେପରି ଫଳଦାନ ଏବଂ ଛାୟାଦାନ କରି, ଗାଭୀ ଯେପରି ଦୁଗ୍ଧ ଏବଂ ସନ୍ତାନ ଉତ୍ପାଦନ କରି, ଜନନୀ ଯେପରି ପୁତ୍ର କନ୍ୟା ସଂସାରରେ ରଖି, ନିୟତିର ଆଜ୍ଞାନୁସାରେ ଭବରଙ୍ଗମଞ୍ଚର ପର ପାରକୁ ଚାଲିଯାଏ, ସେହିପରି ପ୍ରତ୍ୟେକ ମାନବ ଜୀବନର ଗତି—କି ପୁରୁଷ ଜୀବନ, କି ସ୍ତ୍ରୀ ଜୀବନ—କି ବୃଦ୍ଧବୃଦ୍ଧା, କି ଶିଶୁ—ପ୍ରତ୍ୟେକ ଜୀବନର ଗତି ଭବମଞ୍ଚର ଲୀଳା ସମାପନାନ୍ତେ ଲୁପ୍ତ ହୋଇଯାଏ । କିନ୍ତୁ ଏ ଲୋପ ବିନାଶ ନୁହେ; ଏହା ସମୁଦ୍ରର ବାରି ବିନ୍ଦୁରୁ ସ୍ତୋତକର ନବ-ସୃଷ୍ଟି ପରି ।

Digitized by PPRACHIN, SOA

ଜୀବନ ଭିନ୍ନ ନୁହେଁ—ଏହା ଏକ, ଅଖଣ୍ଡ, ମହାନ୍ । ସମୁଦ୍ରର ବକ୍ଷରେ ଏକ ଚନ୍ଦ୍ର ଯେପରି ଅସଂଖ୍ୟ ଚନ୍ଦ୍ରରେ ପରିଣତ ହୁଏ ଏବଂ ଉକ୍ତ ବକ୍ଷୋପରି ତରଳ ମଧୁର ନୃତ୍ୟ କରେ, ଜୀବନ ମଧ୍ୟ ସେହିପରି । ତରଙ୍ଗ ସ୍ଥିର ହେଲେ ସମସ୍ତ ଚନ୍ଦ୍ରମା ଏକ ହୋଇଯାଏ, ଏକ ଛବି, ଏକ ଚନ୍ଦ୍ର, ଏକ ଅଖଣ୍ଡ କମନୀୟ ଶୁଭ୍ର ଜ୍ୟୋତିର୍ଲ୍ଲକ । ଜୀବନ ମଧ୍ୟ ସେହିପରି—ତାର ଲୀଳା, ତାର ଚଞ୍ଚଳତାର ଅବସାନ ହେଲେ ସେ ସୁହୃଦ୍, ସଖା, ବନ୍ଧୁ, ମିତ୍ର, ପ୍ରିୟ—ସମସ୍ତଙ୍କ ଜୀବନକୁ ଏକ କରି ଏକ ହୋଇଯାଏ । ପ୍ରତ୍ୟେକ ଜୀବନ ସେଥିପାଇଁ ପ୍ରତ୍ୟେକ ଜୀବନ ସହିତ ନିଗୂଢ଼-ଭାବରେ ଆବଦ୍ଧ, ପରସ୍ପର ପ୍ରତି ନିଗୂଢ଼ଭାବରେ ଆକୃଷ୍ଟ । କିନ୍ତୁ ତଥାପି ବାଣୀପାଣିର ଜୀବନର ଅନ୍ତଃସ୍ଥଳରୁ ଏକ, ଅନେକ ନୁହେଁ । ସେ ଏକଠାରେ ଅଶ୍ରିତ ହୋଇ ଅନେକ ସହିତ ସହାନୁଭୂତି ପ୍ରଦର୍ଶନ କରୁଅଛି । ଏକଠାରେ ସ୍ଥିର ହୋଇ ସମଗ୍ର ବିଶ୍ୱକୁ ସେ ନିଜ ହୃଦୟରେ ଗ୍ରହଣ କରିବ । ଗ୍ରୀଷ୍ମାତପରେ ତୃଷିତ ପାନ୍ଥର ତୃଷା ନିବାରଣ କରିବ ସୁଶୀତଳ ସାଦର ପ୍ରସାରିତ ଜଳଦାନ-ଦ୍ୱାରା; ଘୋର ତମିସ୍ରାଚ୍ଛନ୍ନ ମହା ଅମାନିଶାର ଝଞ୍ଜାମୟୀ ରାତ୍ରିରେ ସ୍ଥାନ ଦାନ କରିବ କୁଟୀରରେ ଆଶ୍ରୟ ଦାନଦ୍ୱାରା; ରୋଗୀର ରୋଗଶଯ୍ୟା ପାର୍ଶ୍ୱରେ ବସି ତାହାର ହସ୍ତ ଧାରଣ କରିବ, କୋମଳ ସ୍ନେହପୂର୍ଣ୍ଣ ଦୃଷ୍ଟି ବିକାଶ କରିବ ନିଜର କମନୀୟ ଛଳ ଛଳ ଚକ୍ଷୁଦ୍ୱାରା; ତାର ମୃତ୍ୟୁ ସଂଘଟିତ ହେଲେ ସ୍ୱପ୍ନରେ ତାପାଇଁ ଚମକି ଉଠିବ, ରୋମାଞ୍ଚ ହେବ, ସ୍ୱେଦ ଉଦ୍‌ଗମନ ହେବ—ତାକୁ ଭାବି, ତାପାଇଁ କାନ୍ଦି, ତାକୁ ଚର୍ମଚକ୍ଷୁରେ ଦେଖିନ

ପ'ର । ଏହାଠାରୁ ଆଉ ଅଧିକ ସୁନ୍ଦର, ମଧୁମୟ ଜୀବନ କଣ ଇଚ୍ଛା କର ? ଗୃହର ଭୂଷଣସ୍ୱରୂପ ସତୀର ସତୀତ୍ୱ, ତାର ସ୍ୱାମିର ମଙ୍ଗଳକାମନାରେ ସେ ସଦା ନିଯୁକ୍ତ । ସ୍ୱାମିର ପଦାନୁବର୍ତ୍ତିନୀ—ସଂସାରରେ ନିଜ କର୍ତ୍ତବ୍ୟ କର, ନିଜର ପୁତ୍ରକନ୍ୟାର ପରିଚର୍ଯ୍ୟା କର, ସର୍ବଶେଷରେ ନିଜ ଶରୀରର ସାମାନ୍ୟ ବୁଭୁକ୍ଷା ସାମାନ୍ୟଭାବରେ ଉପଶମ କର—ଏହାଠାରୁ ଆଉ ସୁନ୍ଦର, ସନ୍ତୋଷମୟ, ପୃଥିବୀ ଉପରେ କି ଜୀବନ ଆଶା କରି ପାରେ କିଏ ? ଲାଳସାର ଉଦ୍ଦାମତା ନାହିଁ, ବାସନାର ଉଗ୍ରତା ନାହିଁ, ସୌନ୍ଦର୍ଯ୍ୟର ଅଡ଼ମ୍ବର ନାହିଁ, ଅଳ୍ପାହାର, ନିମ୍ନମାନ ରୂପ ଯଥେଷ୍ଟ ନିଦ୍ରା,—ଅଧିକ ନୁହେ କିମ୍ବା କେବେହେଁ ଅତ୍ୟଧିକ ନୁହେ—ଏହାହିଁ ତ ଭାରତ କୁଳଲଳନାର ଆଦର୍ଶ ଜୀବନ । ମାତୃତ୍ୱର ଆକାଙ୍କ୍ଷା ଅଛି, କିନ୍ତୁ ଯୌବନର ଲାଳସା ନାହିଁ; ସାମାନ୍ୟ ଇଚ୍ଛା ଅଛି, ମାତ୍ର ଉଚ୍ଚାଙ୍ଗ ବାସନା ନାହିଁ; ଠିକ ସାଧାରଣ ବିହଙ୍ଗମର ଜୀବନ; କେକୀର କେକା, ଅଥବା କୋକିଳର ଦିଗନ୍ତ ଧ୍ୱନିତ ଅବିଶ୍ରାନ୍ତ କୁହୁର ପ୍ରତ୍ୟାଶିନୀ ନୁହେ, ରମଣୀ ନୁହେ, କିମ୍ବା ବୀରଭାବାପନ୍ନା ଅଙ୍ଗନା ନୁହେ—ସାମାନ୍ୟା ନାରୀ, ପତିବ୍ରତା ସ୍ତ୍ରୀ; କଳହ ନାହିଁ, ଭୟଙ୍କର ଈର୍ଷା, ଦ୍ୱେଷ, ହିଂସା ନାହିଁ —ମାନିନୀ, ମାତ୍ର ମହାଭିମାନିନୀ ନୁହେ—ଏହାହିଁ ବୀଣାପାଣି ଜୀବନର ମଧୁରତ୍ୱ ଏବଂ ବିଶେଷତ୍ୱ । ନାରୀ ଉଦାସିନୀ, ମାତ୍ର ବିଷାଦିନୀ ନୁହେ—ତାର ଏକମାତ୍ର କନ୍ୟା ଯେନ ସେ ସୁଖରେ ସମୟ କଟାଏ । ତାର ମୃତ ପିତା, ମାତା ଏବଂ ଭ୍ରାତାପାଇଁ ମଧ୍ୟରେ ମଧ୍ୟରେ ଚନ୍ଦ୍ରାକ୍ଷରେ, କିନ୍ତୁ କିଛି ବୁଝି ପାରେ ନାହିଁ । ସେ

Digitized by PPRACHIN, SOA

ଦାର୍ଶନିକତାର ତୁଳନା କରି କେବେହେଁ ଚିନ୍ତାସାଗରରେ ନିମଗ୍ନ ହୁଏ ନାହିଁ; ସେ ଜାଗରିତ ହୁଏ, ନିଦ୍ରିତ ହୁଏ, କର୍ତ୍ତବ୍ୟ କରେ ଧୀରଭାବରେ, ପବିତ୍ରଭାବରେ, ମଧୁରଭାବରେ । ତାର ଜୀବନରେ କିଛି ଆପତ୍ତି ନାହିଁ, ବିପତ୍ତିକୁ ବିପତ୍ତି ବୋଲି ଭାବେ କି ନାହିଁ ଜାଣେ ନାହିଁ; କିନ୍ତୁ ଆଶ୍ଚର୍ଯ୍ୟଭାବରେ ଧୀରେ ସହ୍ୟ କରେ,—ଅନେକ ଏହିପରି ସହ୍ୟ କରିଅଛି । ସୀତା, ସାବିତ୍ରୀ,—ସେ ନାରୀ; ଦ୍ରୌପଦୀ ନୁହେ କିମ୍ବା ପାଷାଣୀ ଅହଲ୍ୟା ନୁହେ । ତାହାଠାରେ ଦ୍ରୌପଦୀର ରମଣୀତ୍ୱ ନାହିଁ କିମ୍ବା ପାଷାଣୀର ତୁଳନାରେ ସଜ୍ଞାନ ମୋହ ନାହିଁ । ସେହି ସ୍ତ୍ରୀର ପାଣିଗ୍ରହଣ ମୋର କୋଟି ଯୁଗର ତପସ୍ୟାର ସଞ୍ଚିତ ଫଳର ପୁରସ୍କାର—ସେହି ସ୍ତ୍ରୀ ମୋର ହୃଦୟର ପାପାକାଙ୍କ୍ଷା ଦମନ କରି ପୁଣ୍ୟାକାଙ୍କ୍ଷାକୁ ଚେତାଇ ଦେଉଅଛି । କାଳର ନିର୍ଦ୍ଦେଶରେ ମୁଁ ଏବଂ ସେ ଆଜ ସ୍ୱାମୀ ଏବଂ ସ୍ତ୍ରୀ ହୋଇଅଛୁଁ । ସ୍ୱାମୀଭାବରେ ମୋର ଯେଉଁ କର୍ତ୍ତବ୍ୟ ରହିଅଛି, ତାହାର ଶତ ତ୍ରୁଟି ହେଲେ ମଧ୍ୟ ସ୍ୱାମୀ ଚିରକାଳପାଇଁ ସ୍ତ୍ରୀର ପୂଜନୀୟ, ଏହି ବିଶ୍ୱାସରେ ଯେ ମୁହୂର୍ତ୍ତକପାଇଁ ସୁଦ୍ଧା ଏହି ହୃଦୟଠାରୁ ବିଦାୟ ଗ୍ରହଣ କରିବାକୁ ଇଚ୍ଛା କରି ନାହିଁ, ସେ ନାରୀର ବ୍ୟବହାରରେ ମୁଁ ନିଜର ତ୍ରୁଟି ଅଧିକ ପରିମାଣରେ ଅନୁଭବ କରି ପାରି ଅନ୍ତର ମଧ୍ୟରେ ଶଙ୍କିତ, ଲଜ୍ଜିତ ଏବଂ ସଙ୍କୁଚିତ ହେଉଅଛି । ସେହି ନାରୀ ଦେବୀ ଅବା ମାନବୀ—ଏହା ସ୍ଥିର କରିବା ମୋ ପକ୍ଷରେ ସାଧ୍ୟ ନୁହେ । ମୋର ଉନ୍ନତ୍ତ ବାସନାକୁ, ଉନ୍ନତ୍ତ ବୃତ୍ତିକୁ ସୁଦୃଢ଼ ରଜ୍ଜୁଦ୍ୱାରା ବଦ୍ଧ କଲା ପରି ନୁହେ, ସାପ ଯାଦୁକରର ମୋହନ ମନ୍ତ୍ରଦ୍ୱାରା ବିଷଧର ଫଣିର ଫଣାକୁ ସ୍ଥିର କଲା ପରି ଯେଉଁ

Digitized by PPRACHIN, SOA

ନାରୀ ତାର ଶାନ୍ତ ମୂର୍ତ୍ତି, ଶାନ୍ତ ସ୍ୱଭାବ ଏବଂ ଶାନ୍ତ ବାସନାଦ୍ୱାରା ସ୍ଥିର ରଖିଅଛି, ସେ ନାରୀ ମାନବୀ ଅବା ଦେବୀ କହିବ କିପରି ? ଉନ୍ମତ୍ତ ମଧୁକର ମଧୁ ପାନ କରି ପୁଷ୍ପାନ୍ତରକୁ ଗମନ କଲେ, ପୁଷ୍ପ ଯେପରି ବିଷାଦିତ ହୁଏ ଏବଂ ନିଜକୁ ଅଭିଶପ୍ତ ମନେ କରେ, ମାତ୍ର କାହାକୁ ଅଭିଶାପ ଦିଏ ନାହିଁ, ସେହିପରି ଉକ୍ତ ନାରୀ ମୋତେ କେବେହେଁ ଅଭିଶାପ ଦେଇ ନାହିଁ; ମୋର ଆତ୍ମାର ସଦ୍ଗତିପାଇଁ ଅନ୍ତରରେ ଅଜ୍ଞାତଭାବରେ ଦେବତାଚରଣରେ ପ୍ରାର୍ଥନା କରିଅଛି, କିନ୍ତୁ କେବେହେଁ ଅଭିଶାପ ଦେଇ ନାହିଁ ।

Digitized by PPRACHIN, SOA

ଗେଙ୍ଗେଲଇମା ।

ପିଲାଦିନେ ଅମ୍ଭେମାନେ ଗୋଟିଏ ପାଗଳିନୀ ସ୍ତ୍ରୀକୁ ଦେଖୁଥିଲୁଁ ଏବଂ ତାହାର ଉନ୍ମାଦିନୀ ଆକୃତି ଦେଖି ଅଧିକାଂଶ ସମୟରେ ଦୂରରୁ ଭୟ ପାଉଥିଲୁଁ । ତାହାକୁ ରଗାଇବାପାଇଁ ଅମ୍ଭେମାନେ "ଗେଙ୍ଗେଲଇମା" "ଗେଙ୍ଗେଲଇମା" ଏତିକି କହିଲେହିଁ ସେ ରାଗରେ ଅସ୍ଥିର ହୋଇ ଯାଉଥିଲା । ଅଉ ତା ସଙ୍ଗରେ "ନୂଆ ଡାହାଣୀ ଛୁଅଁଖିଆ" କହିଲେ ଅହୁରି ଅଧିକ ରାଗି ଯାଉଥିଲା । ଅମ୍ଭେମାନେ ସେତେବେଳେ ବାଳକ ! ତାହାର କ୍ରୋଧର ମାତ୍ରା ଅମ୍ଭେମାନେ ଯେତେ ବେଶି ଦେଖି ପାରୁଥିଲୁଁ, ସେତେ ଆନନ୍ଦିତ ହେଉଥିଲୁଁ । କିନ୍ତୁ ତାହାର କ୍ରୋଧର ମାତ୍ରା ବାହାରରେ ଯେତେ ଫୁଟି ବାହାରୁଥିଲା, ତାହାର ଚତୁର୍ଗୁଣ ସେ ତାହାର ହୃଦୟ ମଧ୍ୟରେ ରହି ତାହାକୁ କଷ୍ଟ ଦେଉଥିଲା, ସେ କଥା ଅମ୍ଭେମାନେ ଅନୁଭବ କରି ପାରୁ ନ ଥିଲୁଁ । ଗେଙ୍ଗେଲଇମାର ସ୍ୱାମୀ ନ ଥିଲା, ପିଲା ପିଲି କେହି ନ ଥିଲେ, ତାକୁ ଅମ୍ଭେମାନେ ସର୍ବଦା ଗୋଟିଏ ହାଣ୍ଡି ଏବଂ ଗୋଟିଏ ଛିଣ୍ଡା କନ୍ଥା କାଖରେ ଧେନି ବୁଲିବାକୁ ଦେଖୁଥିଲୁଁ । ଗେଙ୍ଗେଲଇମା ସମସ୍ତ ସମୟରେ ଅବଶ୍ୟ ହସୁଥିଲା; କିନ୍ତୁ ସେ ହସ ଯେ କେତେବେଳେ କାହିଁକି ବାହାରୁଥିଲା, ତାହା ଅମ୍ଭେମାନେ କିଛି ସ୍ଥିର କରି ପାରୁ ନ ଥିଲୁଁ । ସେ ନିଜ ମନରେ ନିଜେ ହସୁଥିଲା; ଅଥଚ ଅଳ୍ପ ସମୟ ସେ ମଣିଷ ଆଡ଼କୁ ଅନାଉଥିଲା;

Digitized by PPRACHIN, SOA

ଅଧିକାଂଶ ସମୟରେ ମୁହଁକୁ ତଳକୁ ପୋତି ହାଣ୍ଡି ଧୋଇ ବସିଥାଏ । ଏଇଥିପାଇଁ କଣ ତାହାର ନାମ ହୋଇଥିଲା ?

ଗେଲେଇମାକୁ "ନୂଆ ଡାହାଣୀ ଝିଅଖିଆ" କହିଲେ ବଡ଼ ଚିଡ଼ ଯାଉଥିଲା । ତାହାର କାରଣ ଆମ୍ଭେମାନେ ସେତେବେଳେ ବୁଝି ପାରୁ ନ ଥିଲୁ । ଗେହେଲଇମାର ଅଦରର ଗେହେଇ ତାହାର ଗୃହ ଶୂନ୍ୟ କରି କେଉଁ ଅଜ୍ଞ କାଳର କବଳରେ ଲୋପ ପାଇଗଲା; ତାର ସ୍ୱାମୀ କଲିକତାକୁ ଚାକିରି କରିବାକୁ ଯାଇ ଆପାମର ଭୁଲି ହୋଇ ନା କଣ କେଉଁ ଅଜ୍ଞେ ଚାଲିଗଲା । ତାର ଶାଶୁ ଶ୍ୱଶୁର କେହି ନ ଥିଲେ । ତାହାର ବିବାହର କିଛିଦିନ ପରେହିଁ ଶାଶୁ ଶ୍ୱଶୁର ପ୍ରାଣତ୍ୟାଗ କରି ଚାଲିଗଲେ । ସମସ୍ତେ ନୂତନ ବହୂର ଦୋଷ ଦେଲେ । କହିଲେ, ଏ ବହୂଟା ମଣିଷ-ଖାଇ । ଦେଖୁ ଦେଖୁ ଶାଶୁକୁ ଖାଇଲା, ଶ୍ୱଶୁରକୁ ଖାଇଲା, ପୁଣି ଦେଖୁ ଦେଖୁ ନିଜ ଝିଅଟିକୁ ମଧ୍ୟ ଖାଇଲା । ଏଣେ ପୁଣି ସ୍ୱାମୀଟି କେଉଁ ଅଜ୍ଞେ ନିରୁଦ୍ଦେଶ । ସମସ୍ତେ ଏହିପରି କହିବାକୁ ଲାଗିଲେ । ଅଧିକାଂଶ ଲୋକଙ୍କ ମନରେ ଏହି ଭାବ ଦୃଢ଼ ହେବାକୁ ଲାଗିଲା । ସୁତରାଂ ଗ୍ରାମର ଲୋକେ ତାହାକୁ ଡାହାଣୀ ବୋଲି ଭାବିବାକୁ ଲାଗିଲେ । ତା ଘରକୁ ଆଉ କେହି ଯାଆସ କଲେ ନାହିଁ । ସେ ମଧ୍ୟ ଆଉ କାହାରି ଘରକୁ ଯା ଆସି କରି ପାରିଲା ନାହିଁ । ଏଥିରେ ତାହାର ମନରେ ବଡ଼ କଷ୍ଟ ହେଲା । ଏକେ ଘରେ କେହି ନାହିଁ, ନିଜର ସ୍ୱାମୀ ପର୍ଯ୍ୟନ୍ତ ନାହିଁ; ସେ ନିତାନ୍ତ ଏକାକିନୀ; ସେଥିରେ ପୁଣି ଗାଁଯାକ ଲୋକେ ତାକୁ ନୂଆ ଡାହାଣୀ ଭାବି ଘରକୁ ଆସିବାକୁ ଦେଲେ ନାହିଁ । କେବଳ

Digitized by PPRACHIN, SOA

ବଜାର ପରିଷ୍କୃତ ହେଲା, କେହି କେହି ଗେଚ୍ଛେଲଇମାର ଗୁଣ ଟିକିଏ ଗାଇଲେ; କିନ୍ତୁ ଅଧିକାଂଶ ଗେଚ୍ଛେଲଇମା ଡାହାଣୀ ଥିଲା, ମର ଯାଇଅଛି ଭଲ ହୋଇଅଛି, କହି ନିଜ ନିଜ କାର୍ଯ୍ୟରେ ଚାଲିଗଲେ । ତହିଁ ଆର ଦିନ ବଜାର ବସିଲା, ଆଉ ଆମ୍ଭେମାନେ ଗେଚ୍ଛେଲଇମାକୁ ଦେଖିବାକୁ ପାଇଲୁଁ ନାହିଁ । ଗେଚ୍ଛେଲଇମା ଆଜି ଆଉ ନାହିଁ । କାହାକୁ ନେଇ ଆମୋଦ କରିବୁଁ ? ଆମ୍ଭମାନଙ୍କ ମନରେ ସେଥିପାଇଁ ପ୍ରକୃତରେ ଟିକିଏ ଦୁଃଖ ହେଲା । ଏ ବଡ଼ ଆଶ୍ଚର୍ଯ୍ୟ ରକମର ଦୁଃଖ ନିଶ୍ଚେ !

ଗେଚ୍ଛେଲଇମା ମରିଗଲା, ତାହାର ଚିହ୍ନ ଆଉ ରହିଲା ନାହିଁ, ତାର ସ୍ମୃତି କ୍ରମେ କ୍ରମେ ଲୋକ ମନରୁ ପୋଛି ହୋଇଗଲା; ତାର ଘର ଦ୍ୱାର କାନ୍ଥ ପ୍ରଭୃତି ଭାଙ୍ଗି ଯାଇଥିଲା । ତାକୁ ଆଜି ଆଉ ଜଣେ କିଏ ଅଧିକାର କରି ବସିଅଛି । ସେଠାରେ ବେଶ ଘର ଦ୍ୱାର ହୋଇଅଛି । କିନ୍ତୁ ଗେଚ୍ଛେଲଇମାକୁ ଆଉ ସେଠାରେ ଦେଖିବ ନାହିଁ ।

ଗେଚ୍ଛେଲଇମା ଆଜି ସମସ୍ତଙ୍କଠାରୁ ବିଦାୟ ନେଇଅଛି । ସମଗ୍ର ଜଗତଠାରୁ, କି ଜଡ଼ଜଗତ କି ଜୀବଜଗତ ସମସ୍ତଙ୍କ-ଠାରୁ ସେ ବିଦାୟ ଗ୍ରହଣ କରି ଚାଲି ଯାଇଅଛି—ଜଗତ ବିଦାୟ ଦେଲା କି ନାହିଁ, ସେ କଥା ସେ କାହାକୁ ପଚାରି ନାହିଁ—ସେ କେବଳ ନିଜ ମନରେ ସ୍ଥିର କଲା, ସଂସାରର ଲୀଳା ଏଥର ଶେଷ କରାଯାଉ; ସୁତରାଂ ସେ ତାହା ଶେଷ କରି ଜୀବନ-ଯବନିକା ପକାଇ ଦେଇ ଭିତରକୁ ଚାଲିଗଲା—ସେ କେଉଁ ଭିତର, ଯେଉଁଠାରେ କବିର ଦୃଷ୍ଟି ଯୁଗ ଯୁଗ ଧରି

Digitized by PPRACHIN, SOA

ଭେଦ କରିବାପାଇଁ ପ୍ରୟାସ କରିଅଛି; ସେ କେଉଁ ଭିତର, ଯାହାକୁ ଭେଦ କରି ଲୋକେ ପ୍ରତିଦିନ ଯାଉଅଛନ୍ତି, କିନ୍ତୁ ଆଉ ଫେରୁ ନାହାନ୍ତି ! ଗେଡେଙ୍ଗଇମା ସେହିଠାକୁ ଚାଲିଗଲା—ଯେଉଁଠାକୁ ତାହାର ଗେଡେଙ୍ଗଇ, ତାର ଶାଶୁ ଏବଂ ତାର ଶ୍ୱଶୁର ସମସ୍ତେ ତାର ଜୀବନ କାଳରେ ତାକୁ ଛାଡ଼ି ଚାଲି ଯାଇଥିଲେ । ସେଠାରେ ସମସ୍ତଙ୍କ ସହିତ ଦେଖା ହେବ, ପରିଚୟ ହେବ, କଥାବାର୍ତ୍ତା ହେବ; କିନ୍ତୁ ଜଗତ ତାକୁ କି ଚକ୍ଷୁରେ ଦେଖିଥିଲା, ତାହା ସେ ସେଠାରେ ବର୍ଣ୍ଣନା କରି ପାରିବ କି ? ହାୟ ! ହାୟ ! ଜୀର୍ଣ୍ଣ ମଳିନ ଛିନ୍ନ ବସନ ଏବଂ କନ୍ଥା ଏବଂ ଭିତର ହାଣ୍ଡି ଦେନ ଇତସ୍ତତଃ ହୋଇ ବୁଲିବା—ଦିନେ ନୁହେ, ଅଧେ ନୁହେ, ବହୁ ବର୍ଷ ଧରି; ଶେଷରେ ମଇଲା ଗାଡ଼ିରେ ଅପସାରିତ ହେବା ଏବଂ ଶିବା ଗୃଧ୍ର ପ୍ରଭୃତିଙ୍କଦ୍ୱାରା ଭକ୍ଷିତ ହେବା—ଏ ସବୁ ସେ କିପରି ଅବା ବର୍ଣ୍ଣନା କରିବ ? କାହାର ହୃଦୟ ଅବା ଏହା ଶୁଣି ସ୍ଥିର ହୋଇ ରହିବ ? ତଥାପି ଏ ସବୁ ତାର ଭାଗ୍ୟରେ ଘଟିଥିଲା । ଯାହାର ହସ୍ତ ଧାରଣ କରିଥିଲା ଏହି ଅଶାରେ ଯେ ସଂସାରର ବିପଦସଂକୁଳ ମାର୍ଗରେ ତାହାର ସହାୟ ହେବ, ସେ କେଉଁଆଡ଼େ ଚାଲିଗଲା । ଯାହାକୁ ୧୦ ମାସ କାଳ ଗର୍ଭରେ ଧାରଣ କରି ଗର୍ଭସୁଖ ପୁଣି ଗର୍ଭ-ଯନ୍ତ୍ରଣା ଭୋଗ କରି ପୃଥିବୀର ବକ୍ଷରେ ଶୋଇ ଦେଇଥିଲା, ସେହି ଗେଡେଙ୍ଗଇ ପୃଥିବୀ ଛାଡ଼ି, ତାକୁ ଛାଡି କେଉଁଆଡ଼େ ଚାଲିଗଲା; ଯେଉଁ ଗୃହସୁଖପାଇଁ ସେ ବିବାହିତ ହୋଇଥିଲା, ଜୀବନରେ ସେ ଗୃହସୁଖ ମଧ୍ୟ ତାହାର ଭାଗ୍ୟରେ ଘଟିଲା ନାହିଁ —ସେ ଗୃହରୁ ବାହାରି ହୋଇ ସଂସାରର ହେୟ ହୋଇ,

Digitized by PPRACHIN, SOA

ଜଗତର ଘୃଣ୍ୟ ହୋଇ, ଏକାକିନୀ ଭିଟରେ ବାସ କଲା; ଏପରି ଅବସ୍ଥାରେ ସେ କିପରି ସୁଖରେ ଜୀବନ କଟାଇ ପାରିବ କହ !

ସଂସାରରେ ଏହିପରି କେତେ ଗେହ୍ଲେଇମା ଅଛନ୍ତି, କିଏ ତାହାର ଇୟତ୍ତା କରିବ ? ଗେହ୍ଲେଇମା "ନୂଆ ଡାହାଣୀ କୁଆଖିଆ", କିନ୍ତୁ ପ୍ରକୃତରେ ଯେଉଁମାନେ "ନୂଆ ଡାହାଣୀ କୁଆଖିଆ", ଯେଉଁମାନେ ବାଳକର, ଶିଶୁର, ଯୁବକର ଏବଂ ପ୍ରୌଢର ରକ୍ତ ଶୋଷଣ କରୁଅଛନ୍ତି, ସେମାନଙ୍କୁ ସମାଜ ଏପରି ଘୃଣା କରୁ ନାହିଁ । ବରଂ ପତଙ୍ଗ ଅନଳରେ ମୁଗ୍ଧ ହେଲା ପରି ସେମାନେ ତତ୍ପ୍ରତି ଆକୃଷ୍ଟ ହେଉଅଛନ୍ତି ଏବଂ ନିଜର ରକ୍ତ, ବୀର୍ଯ୍ୟ, ବୁଦ୍ଧି, ଇତ୍ୟାଦି ସମସ୍ତ ସେଠାରେ ସମର୍ପଣ କରି ଦେଇ ଆସୁଅଛନ୍ତି, ଅଥଚ ସମାଜର ପ୍ରତ୍ୟେକ ଶୁଭ କାର୍ଯ୍ୟରେ, ପ୍ରତ୍ୟେକ ମାଙ୍ଗଳ୍ୟାଦି କାର୍ଯ୍ୟରେ ସେମାନଙ୍କୁ ଆମନ୍ତ୍ରଣ କରି ଆଣୁ-ଅଛନ୍ତି ଏବଂ ନେତ୍ର ମନ ପରିତୃପ୍ତ କରୁଅଛନ୍ତି ! ଧନ୍ୟ ରେ ସମାଜ ! ଧନ୍ୟ ତୋର ଅନ୍ଧ ବିଶ୍ୱାସ ! ଧନ୍ୟ ତୋର ଅତ୍ୟାଚାର !

Digitized by PPRACHIN, SOA

ଗୋଟିଏ କ୍ଷୁଦ୍ର ଜୀବନ ।

ଜର୍ଦ୍ଦାମଣି ବଡ଼ ଗେହ୍ଲାରେ ବଢ଼ିଥିଲା । ତାର ବାପ ମାଙ୍କର ସେହି ଗୋଟିଏ ଝିଅ । ଆଉ ଦୁଇ ଭଉଣୀ ହୋଇଥିଲେ ସେ ଏତେ ଆଦର ପାଇ ନ ଥାନ୍ତା । ଜର୍ଦ୍ଦାମଣି ବାପଘରେ ଅନେକ ଦିନ କଟାଇଲା । ପିଲାଦିନରୁ ଏକ ଗ୍ରାମରେ ରହି, ତାହାର ମାଈଁ ଘରକୁ ଯିବାପାଇଁ ସ୍ୱତଃ ଦିନେ ମନ ବଳିଲା । ମାଈଁଘର କିଛି ଦୂର ନୁହେଁ ; ୧୫ କୋଶ ବାଟ ହେବ । ଜର୍ଦ୍ଦାମଣି ତାହାର ମାକୁ କହି ସକାଳ ୧୦ଟା ବେଳକୁ ବାହାରିଲା—ଯିବ ମାଈଁଘରକୁ ।

ମଣିର ବୟସ ବର୍ତ୍ତମାନ ୧୩ ବର୍ଷ । ତାହାର ବୁଦ୍ଧି ହୋଇଅଛି; ସେ ବୁଝିଅର ହେଲାଣି । ନଈ ଆର ପାଖରେ ମାଈଁଘର; ପଇସାଟିଏ ଦେଲେ ଡଙ୍ଗା ପାରି ହୋଇ ଆର ପାଖକୁ ଚାଲିଯିବ । ସେଥିପାଇଁ ମଣି ହାତରେ ତାର ମା ୪ଟା ପଇସା ଦେଇ ମାଈଁ ପାଖକୁ ପଠାଇ ଦେଲା । ଲୁଗାକାନିରେ କିଛି ଜଳଖିଆ ମଧ୍ୟ ବାନ୍ଧି ଦେଲା ।

ମଣି ନଈ ପାରି ହେଲା । କିଛିଦୂର ଯାଇଅଛି, ଖରା ଟାଣ ଯୋଗୁଁ ଗୋଟିଏ ବରଗଛ ମୂଳରେ ବସିଗଲା । ଟିକିଏ ବାଟ ଚାଲି ଥକା ହୋଇଥିବାରୁ ତାକୁ ନିଦ ମାଡ଼ି ଆସିଲା । ସୁଲୁ ସୁଲୁ ପବନ ମଧ୍ୟ ହେଉଥାଏ, ପାଣିରେ ଲାଗି ସେ ବାୟୁ ବହି ଆସୁଥିବାରୁ ଅଙ୍ଗକୁ ଶୀତଳସ୍ପର୍ଶ ବୋଧ ହେବାରୁ ସୁଖ ଜନ୍ମୁଥିଲା ।

Digitized by PPRACHIN, SOA

ମଣି ଘଣ୍ଟାଏ ଖଣ୍ଡେ ଶୋଇପଡ଼ୁଛି, ଚମକି ଉଠିଲା । ଯେପରି କି ତାର କେଉଁ ସଯତ୍ନରକ୍ଷିତ ସମ୍ପତ୍ତି କିଏ ଚୋରି କରିବାପାଇଁ ନିକଟକୁ ଆସୁଅଛି, ଯେପରି କି ସେହି ଅଜାଣିତ ଅଦୃଷ୍ଟପୂର୍ବ କି ଲୋକଟି ଯୌବନର ଗନ୍ଧରେ ମୋହିତ ଏବଂ ଆକୁଳ ହୋଇ ସେଠାକୁ ଆସିଅଛି । ଯୁବକର ବୟସ ୧୮ ବର୍ଷ ହେବ । ସେ କଟକର କୌଣସି ସ୍କୁଲରେ ମେଟ୍ରିକୁଲେଶନ କ୍ଲାସରେ ପଢ଼େ । ମଫସଲର ପିଲା, ସୁତରାଂ ଟିକିଏ ବୟସ ବେଶି ହୋଇ ପଡ଼ିଅଛି । ଯାହାହେଉ ପିଲାଟି ସେ ଦିନ ଶନିବାର ଥିବାରୁ ଏବଂ ସୋମବାର ଦିନ ଛୁଟି ଥିବାରୁ ଘରକୁ ଆସୁଅଛି । ବାଟରେ ଥକା ହୋଇ ସେହି ବୃକ୍ଷମୂଳରେ ଛାୟାର ଆଶ୍ରୟ ଗ୍ରହଣ କରିବା ନିମନ୍ତେ ସେଠାରେ ଆସି ଉପନୀତ । ସେ ଜାଣି ନ ଥିଲା ଯେ, ସେଠାରେ ଗୋଟିଏ ସଦ୍ୟ ପ୍ରସ୍ଫୁଟିତ ବାଳିକା ମଧ୍ୟ ସୂର୍ଯ୍ୟ ତାପରେ ପୀଡ଼ିତା ହୋଇ ତରୁ ଛାୟାର ଆଶ୍ରୟ ଗ୍ରହଣ କରିଅଛି ।

ସ୍ଥାନଟି ବଡ଼ ନିର୍ଜନ । ଚତୁର୍ଦ୍ଦିଗରେ ଉନ୍ମୁକ୍ତ ପଡ଼ିଆ, ପାର୍ଶ୍ୱରେ ଅନେକ ଗୁଡ଼ିଏ ବୃକ୍ଷ, ନିକଟରେ, ଦୂରରେ ଉଚ୍ଚ ନୀଚ ଛୋଟ ଛୋଟ ପାହାଡ଼ ଏବଂ ଉପରେ ଆକାଶର ନୀଳ ପ୍ରଭା, ନୀଳ ଦ୍ୟୁତି, ଯେପରି ଏକ ଅଖଣ୍ଡ ଇନ୍ଦ୍ରନୀଳମଣି; ନିକଟସ୍ଥ ବୃକ୍ଷ ତଳେ କେତେଗୁଡ଼ିଏ ଗୋରୁ ବାଛୁରି ମଧ୍ୟ ଛାୟାର ଆଶ୍ରୟ ଗ୍ରହଣ କରି ପଡ଼ିଅଛନ୍ତି ।

ସ୍ଥାନଟି ନିର୍ଜନ ଥିବାରୁ ବାଳକଟି କିଛିକ୍ଷଣ ବସି ସାରିଲା ପରେ ବାଳିକାକୁ ପଚାରିଲା, ତୁମେ କେଉଁଠାରୁ ଆଇଲ ? ବାଳିକା ସ୍ୱଭାବସୁଲଭ ଲଜ୍ଜାର ସହିତ ପ୍ରଥମେ କିଛି ଉତ୍ତର

Digitized by PPRACHIN, SOA

କଲା ନାହିଁ । ଡେଣୁକର ବାଳକ ଆଉ କିଛି ପଚାରିଲା ନାହିଁ । କିନ୍ତୁ ଅନେକକ୍ଷଣ ଚୁପ ଚାପ ହୋଇ ରହି ଯାଇଲା ପରେ ଏବଂ ଏଣେ ବେଳ ଚାଲିଯାଉଅଛି, ଅନ୍ଧାର ପଡ଼ି ଆସିଲାଣି, ଅନ୍ୟ ଲୋକ ଚାଲି ଆସିବେ, ସେତେବେଳେ ଆଉ କିଛି କଥାବାର୍ତ୍ତା କରି ହେବ ନାହିଁ, ଏହିପରି ଆଶଙ୍କା କରି ବାଳକ ପୁଣି ପ୍ରଶ୍ନ କଲା, କିନ୍ତୁ ଏଥର କେଉଁଠାରୁ ଆଇଲ ନ ପଚାରି କେଉଁ ଗାଁକୁ ଯିବ ପଚାରିଲା । ବାଳିକାର ହୃଦୟରେ ମଧ୍ୟ କଥା କହିବାର ଇଚ୍ଛା ଜାଗ୍ରତ ହୋଇଥିଲା, ମାତ୍ର ସ୍ୱାଭାବିକ ଲଜ୍ଜାବଶତଃ ମୁହଁ ଫିଟାଇ କଥା କହି ପାରୁ ନ ଥିଲା । ମାତ୍ର ଅନେକ କ୍ଷଣ ଚୁପ ରହି ହୃଦୟରେ ଅନେକ କଥା ଆଲୋଚନା କରି ପ୍ରକୃତି ବଶରୁ ଉକ୍ତ ବାଳକ ପ୍ରତି ଆକୃଷ୍ଟ ହୋଇ ମୁଗ୍ଧ ହୋଇ ବସିଥିଲା ଏବଂ ଶୀଘ୍ର ସେମାନଙ୍କର ବିଦାୟ ଘଟିବ ବୋଲି ମନେ ମନେ ବିଷାଦ-କାଳିମାଚ୍ଛନ୍ନ ଚିତ୍ତ ଅବସନ୍ନତା ଅନୁଭବ କରୁଥିଲା ଏବଂ କାହିଁକି ଏହାକୁ ଈଶ୍ୱର ଦେଖାଇଲେ ଏହିପରି ଭାବି ନିଜକୁ ଅଥବା ନିଜର ମନ୍ଦ ଭାଗ୍ୟକୁ ଧିକ୍କାର ଦେଉଥିଲା । ବାଳିକାର ଠିକ ଏହିପରି ଅବସ୍ଥାରେ ବାଳକ ଯେତେବେଳେ ପ୍ରଶ୍ନ କଲା—କେଉଁଠାକୁ ଯିବ ? ସେତେବେଳେ ବାଳିକା ମଣି ଅସ୍ପଷ୍ଟ ଭାବରେ ଅନୁଚ୍ଚ କଣ୍ଠରେ ଏବଂ ଅନୁରକ୍ତିର ସହିତ ହାତ ଦେଖାଇ କହିଲା, ଏ ସେ ଗାଆଁକୁ । ବାଳକ ଏହି ଏତିକି କଥା ଶୁଣି ନିଜକୁ ଧନ୍ୟ ମଣିଲା ଏବଂ ସ୍ୱେଚ୍ଛାପ୍ରଣୋଦିତ ହୋଇ ସେ ଗ୍ରାମରେ କାର୍ଯ୍ୟ ନ ଥିଲେ ମଧ୍ୟ ଏବଂ ସେ ଗ୍ରାମ ଦେଇ ତାହାର ଗନ୍ତବ୍ୟ ରହି ନ ଥିଲେ ମଧ୍ୟ ସେ ସେହି ବାଳିକା ସଙ୍ଗେ ସଙ୍ଗେ ଗଲା ।

Digitized by PPRACHIN, SOA

ବାଟରେ ବେଶି କଛି କଥା ବାର୍ତ୍ତା ହୋଇ ନାହିଁ । ଯେତେବେଳେ ଗ୍ରାମର ନିକଟବର୍ତ୍ତୀ ହେଲେ, ସେତେବେଳେ ବାଳକ ମଣିକୁ କହିଲା, ଏହି ତ ଗାଁରେ ପହଞ୍ଚି ଗଲୁଁ । ଶେଷ ପ୍ରଶ୍ନ ବାଳକ ଯାହା ପଚାରିଥିଲା, ତାହା ଏହି—ଏ ଗାଁରେ କାହା ଘରକୁ ଯିବ ? ବାଳିକା ଉତ୍ତର ଦେଇଥିଲା—ମୋ ମାଉଁ ଘର । ଦେଖୁଁ ଦେଖୁଁ ବାଳିକା ତାର ମାଉଁ ଘର ପିଣ୍ଡା ପାଖରେ ପହଞ୍ଚିଲା; ମାଉଁ ପିଣ୍ଡାରେ ବସିଥିଲା, ସୁତରାଂ ତାହାକୁ ଦେଖିଲାକ୍ଷଣି କହିଲା, କି ଲୋ ମଣି କେତେବେଳେ ଆଇଲୁ ? ଏହି ଆସୁଚ ପରା । ବାଳିକାର ଏହି ଶେଷ କଥା ଶୁଣି ବାଳକ ବିଦାୟ ନେଇଥିଲା । ତେବେ ପରସ୍ପର ବିଦାୟ ନେବାବେଳେ ମୂହୂର୍ତ୍ତେ ମଧ୍ୟରେ ଉଭୟଙ୍କ ମଧ୍ୟରେ କଟାକ୍ଷପାତ ହୋଇଥିଲା; କିନ୍ତୁ ଏହା ଆଉ କେହି ଦେଖି ନାହାନ୍ତି । ବାଳକ ଅନେକ କଥା ଚିନ୍ତା କରୁ କରୁ ଚାଲିଗଲା । ବାଳିକା ସେଠାରେ ରହିଗଲା ।

ଦ୍ୱିତୀୟ ପରିଚ୍ଛେଦ ।

ମଣିର ଆଜ ବାହାଘର । ସମସ୍ତେ ଆସିଅଛନ୍ତି, ଖୁବ ଆନନ୍ଦ ଲାଗିଅଛି । କିନ୍ତୁ ମଣି ମନଟା ଗମ୍ଭୀର । ରାତିରେ ବିବାହ ହେବ । ଘଣ୍ଟା ଘଣ୍ଟା କରି ଦିନ ଚାଲି ଯାଉଅଛି, ସନ୍ଧ୍ୟା ଆସି ପହଞ୍ଚିଲା,

Digitized by PPRACHIN, SOA

ଦେଖୁଁ ଦେଖୁଁ ସ୍ଥିର ହୋଇଗଲା, ବର ଆସି ପହଞ୍ଚିଲା, ମଣିର ହୃଦୟ ତ ଗମ୍ଭୀରରୁ ଗମ୍ଭୀରତର ହେବାକୁ ଲାଗିଲା। ଦେଖୁଁ ଦେଖୁଁ ବିବାହ ମଧ ହୋଇଗଲା—ପୁରୋହିତମାନଙ୍କ ମନ୍ତ୍ରୋଚ୍ଚାରଣ ଏବଂ ସ୍ତ୍ରୀ ପୁରୁଷର ପରଣସ୍ତ୍ର ଏବଂ ପାଣିଗ୍ରହଣ ଇତ୍ୟାଦି ସମାପନ ହେବାକୁ ଲାଗିଲା । ସମସ୍ତେ ଖାଇ ପିଇ ଯାଉଥିଲେ, ବିବାହ ପରେ ନିଦରେ ଅଧୀର ହୋଇ ଯେ ଯେଉଁଆଡ଼େ ଗଡ଼ିପଡିଲେ । ସକାଳ ହୋଇଗଲା । ମଣି ବାହା ହୋଇ ଶାଶୁଘରକୁ ଚାଲିଗଲା । ତାର ହୃଦୟ ଗମ୍ଭୀର ଏବଂ ଭାରାକ୍ରାନ୍ତ ।

ହିନ୍ଦୁର ବିବାହରେ ବର ଏବଂ କନ୍ୟାର ଇଚ୍ଛାନୁଯାୟୀ ବିବାହ ଅନେକ ଦିନ ହେଲା ବନ୍ଦ ହୋଇଗଲାଣି । ଅତଏବ ମଣିର ଇଚ୍ଛା ଥିଲା କି ନାହିଁ କିମ୍ବା ବରର ଇଚ୍ଛା ଥିଲା କି ନାହିଁ, ଏ ସବୁ କଥା ନେଇ କାହାକୁ ଭାବିବାକୁ ହୋଇ ନ ଥିଲା ।

ମଣି ସଂସାର କଲା, ଦେଖୁଁ ଦେଖୁଁ ତାର ହରମୋହନ ଏବଂ ଗୋବିନ୍ଦ ନାମରେ ଦୁଇଟି ପୁଅ ଏବଂ କୁସୁମ ନାମରେ ଗୋଟିଏ ୩ ବର୍ଷର ଝିଅ ୫ ବର୍ଷ ମଧ୍ୟରେ ହେଲା । ମଣିକୁ ବର୍ତ୍ତମାନ ୧୮ ବର୍ଷ ମାତ୍ର ।

ମଣି ଦିନେ କୁସୁମକୁ ଧରି ଦୋତାଲା ଝିଡ଼କି ପାଖରେ ଛିଡ଼ା ହୋଇ ରାଜମାର୍ଗ ଆଡ଼କୁ ଅନାଇ ରହିଅଛି ଏବଂ କୁସୁମକୁ ସବୁ ଦେଖାଇ ଦେଉଅଛି । କୁସୁମ ଯାହା ଦେଖୁଅଛି, ତାହା ପଚାରୁଅଛି—ମା, ଏ କଣ, ଏ କଣ ଇତ୍ୟାଦି । ମା ବିରକ୍ତ ନ ହୋଇ ସବୁ ଗୋଟି ଗୋଟି କରି ବୁଝାଇ ବୁଝାଇ କହି ଦେଉଅଛି ।

Digitized by PPRACHIN, SOA

ରାଜମାର୍ଗରେ କେତେ ଲୋକ ଅବା ଗତାୟାତ କରୁଛନ୍ତି । ମଣି ଅବା କେତେ ଚିହ୍ନାଇବ; ମାତ୍ର କୁସୁମ ପ୍ରତ୍ୟେକ ଲୋକ ଆଡ଼କୁ ଅଙ୍ଗୁଳି ବଢ଼ାଇ ବଢ଼ାଇ ମାକୁ ପଚାରୁଅଛି, ମା ଏ କିଏ, ସେ କିଏ, ଇତ୍ୟାଦି । ଅଧିକାଂଶ ଥର ମା ଉତ୍ତର ଦେଉଅଛି, ସେ ଜଣେ ମଣିଷ । କୁସୁମ ବାରମ୍ବାର ସେହି ଏକ ଉତ୍ତର ପାଇ ବିରକ୍ତ ହୋଇ ଏଥର ଗୋଟିଏ ମଣିଷ ଆଡ଼କୁ ହାତ ବଢ଼ାଇ କହିଲା— ସେ ତ ମନଷ୍ଠ (ମଣିଷ), ସେ ତ ମନଷ୍ଠ, ଆଉ ଏ କିଏ ? ଏ କିଏ ?—କହିବା ମାତ୍ରକେ ମଣିର ଦୃଷ୍ଟି ମଧ୍ୟ ସେହି ଆଡ଼କୁ ଗଲା । ସତ, ଏ ତ ଅଉ ଯେ ସେ ମଣିଷ ନୁହେଁ; ଏ ଯେ ସେହି ୧୩ ବର୍ଷ ବୟସର ପ୍ରଥମ ଦେଖିଥିବା ବାଳକର ଆକୃତି ପରି ଦିଶୁଅଛି ! ସତ, ଏ କିଏ ? ଯାହାକୁ ସେହି ବୃକ୍ଷର ଛାୟା ତଳେ ଦେଖି ମୁଗ୍ଧ ହୋଇଥିଲି, ଏ ଯେ ସେହି । ମଣିର ଉତ୍ତର ଦେବାରେ ବିଳମ୍ବ ଘଟିଲା; ସୁତରାଂ କୁସୁମ ଅଧୀର ହୋଇ ଉଠି କହିଲା, ମା ଏଥର କନ (କଣ) ଏତେ ଭାବୁଚୁ । ମଣି କହିଲା ନା । କନ୍ୟା କୁସୁମର ସେ କଥାକୁ ଅଉ ଦୃଷ୍ଟି ରହିଲା ନାହିଁ । କିନ୍ତୁ ମଣିର ହୃଦୟରେ ବିଷମ ଆଲୋଡ଼ନ ହେବାକୁ ଲାଗିଲା । ଆଜ ପାଞ୍ଚ ବର୍ଷ ପୂର୍ବର ଚିନ୍ତିତ, ଉପାସିତ, ମୁଗ୍ଧ ସେହି ବାଳକକୁ ଆଜ ଯୁବା ଦେଖୁଅଛି—ପୁସ୍ତକ ହସ୍ତରେ ଧୀର ମନ୍ଥର ଗତିରେ ଭାବାକ୍ରାନ୍ତ ହୃଦୟରେ ରାଜମାର୍ଗରେ ଚାଲୁଅଛି । ମଣିର ଇଚ୍ଛା ହେଲା, ତାଙ୍କୁ ଘରକୁ ଡାକି ଆଣିବ, କିନ୍ତୁ ହିନ୍ଦୁର କୁଳବଧୂ ମଣି ତାହା କାର୍ଯ୍ୟରେ କିପରି ଅବା କରି ପାରେ ? ସୁତରାଂ ହୃଦୟରେ ଉତ୍ଥିତ ଆଶା ହୃଦୟରେହିଁ ଲୀନ ହୋଇଗଲା । ମଣିର ସନ୍ଦେହ ରହିଲା ନାହିଁ ଯେ ଏ ସେହି—ଯାହାକୁ ସେ ବୈଶାଖ ମାସରେ

Digitized by PPRACHIN, SOA

ଝିଟପୀ ଛାୟାରେ ସମାସୀନ ଦେଖିଥିଲା, ଯେ ତାହାର ବାକ୍ୟସୁଧା ପାନ କରିବାପାଇଁ ବ୍ୟଗ୍ର ହୋଇ ଉଠିଥିଲା, ଯେ ତାହାର ହୃଦୟ ଚୋରି କରି ନେଇଥିଲା ।

ବାଳକ କାହାଁକି କହୁଅଛୁ ? ସେତେବେଳେ ତାକୁ ଅଠର ବର୍ଷ, ବର୍ତ୍ତମାନ ତାକୁ ୨୩ ବର୍ଷ । ବି. ଏ. ପରୀକ୍ଷାରେ ଥରେ ଫେଲ ହୋଇ ଯାଇଥିବାରୁ ଆଉ ଥରେ ପଢ଼ୁଅଛୁ । ସୁତରାଂ ସେ କଲେଜକୁ ବହି ନେଇ ପ୍ରତିଦିନ ସେହି ବାଟେ ଯାଏ । ମଣି ଏଣିକି ନିତ୍ୟ ଦେଖିବାକୁ ଲାଗିଲା । ସେ ଠିକ ୧୧ଟା ସମୟରେ ସେହି ଝରକା ପାଖରେ ଯାଇ ଛିଡ଼ା ହୁଏ ଏବଂ ତାକୁ ଦେଖିବାକୁ ପାଏ । ପୁଣି ଦିନ ୩ଟା ବେଳେ, କେଉଁ ଦିନ ଅବା ୪ଟା ବେଳେ ଆଉ ଥରେ ଦେଖେ । ଯୁବକର ମୁଖ ଅବନତ; ସୁତରାଂ ଚାରି ଚକ୍ଷୁ ହେବାର ସୁବିଧା ଘଟେ ନାହିଁ । ଦିନେ ଯୁବକ ଠିକ ମଣିର ଘର ପାଖରେ ହୋଇଅଛୁ, କାହିଁକି କେଜାଣି କପାଳ ଉପରକୁ ମୁହଁ ଟେକି ଦେଲା ଏବଂ ହଠାତ୍ ତାହାର ଦୃଷ୍ଟି ସେହି ଝରକା ପାର୍ଶ୍ୱରେ ଦଣ୍ଡାୟମାନା ନାରୀ ମୂର୍ତ୍ତି ଉପରେ ପତିତ ହେଲା । କ୍ଷଣକ ମଧ୍ୟରେ ବିଦ୍ୟୁତ୍ ପ୍ରବାହ ଖେଳିଗଲା । ସେହି ଅଟ୍ଟାଳିକାର ମୂଳଦେଶରୁ ସେହି ଝରକା ପର୍ଯ୍ୟନ୍ତ ଦିଓଟି ସ୍ରୋତ ଦୁଇ ଜଣଙ୍କ ଚକ୍ଷୁ ଭିତର ଦେଇ ସର୍ବାଙ୍ଗ ବ୍ୟାପି ଗଲା । ଏହାକୁ କେହି ଦେଖି ପାରିଲେ ନାହିଁ ସତ; କିନ୍ତୁ ଏହା ସେ ଦୁହେଁ ଅନୁଭବ କଲେ ।

Digitized by PPRACHIN, SOA

ତୃତୀୟ ପରିଚ୍ଛେଦ ।

ବି. ଏ. ପରୀକ୍ଷାରେ ସେ ପୁଣି ଫେଲ ହେଲା । ମାନସିକ ବିକାର ଘଟିଲା । ଯୁବକ ସନ୍ନ୍ୟାସୀ ହେବାକୁ ବସିଲା । ଦିନେ ରାତିରେ ସେ ସ୍ଥାନ ଛାଡ଼ି ସେ ଗିରି କାନନକୁ ଚାଲିଗଲା । ତା ପରେ ସେ ନାନା ଦିଗ୍‌ଦେଶ ଭ୍ରମଣ କଲା । ଅନେକ ଗିରି ନଦୀ ପାର ହେଲା, ଅନେକ ସ୍ଥଳରେ ଅନେକ ଯାତ୍ରୀ ସ୍ତ୍ରୀ ପୁରୁଷ ଦେଖିଲା, କିନ୍ତୁ ତାହାର କୌଣସି ଆସକ୍ତି ନାହିଁ । ସେ ସନ୍ନ୍ୟାସୀ । ଅଳ୍ପ କିଛି ବର୍ଷ ପରେ ସନ୍ନ୍ୟାସୀ ନିଜ ଦେଶକୁ ଫେରି ଆସିବା ପାଇଁ ମନ କଲା । ସେ ବସନ୍ତର ପ୍ରାରମ୍ଭରେ ଚୂତମୁକୁଳର ଗନ୍ଧରେ ଆମୋଦିତ ହୋଇ ବୈଶାଖର ଗୋଟିଏ ଦ୍ୱିପ୍ରହରର କଥା ଭାବିଲା । ସଙ୍ଗେ ସଙ୍ଗେ ଛାୟା ସମ ସେହି ୧୩ ବର୍ଷର ବାଳିକାର ଛବି ମନ ମଧ୍ୟରେ ଅଙ୍କିତ ହେଲା; ଯେପରି ସେହି ଛବି ତାହାର ହୃଦୟ ଭିତରେ ଘୂରି ବୁଲିଲା; ଯେପରି ତାହାର ଚତୁର୍ଦ୍ଦିଗରେ ବସନ୍ତର ହିଲ୍ଲୋଳରେ ସେହି ମାନସୀ ମୂର୍ତ୍ତି ଭାସି ଭାସି ଚାଲିବାକୁ ଲାଗିଲା । ସନ୍ନ୍ୟାସିର ମନ ସେହି ବୃକ୍ଷଛାୟା ଆଡ଼କୁ ଗଲା, ସେହି ଗ୍ରାମ, ସେହି ପଲ୍ଲୀର ସେହି ଗୃହ— ସେଠାରେ ସେହି ଶେଷ ଚୁମ୍ବନ; ପୁଣି ସେହି କଠୋର ବି. ଏ. ପରୀକ୍ଷା, ରାଜମାର୍ଗ ଦେଇ ଭାରାକ୍ରାନ୍ତ ଚିତ୍ତରେ ପ୍ରତିଦିନ ଅବନତ ମସ୍ତକରେ ଗମନ—ଦିନେ ହଠାତ୍ ସେହି ପ୍ରାସାଦୋ- ପରି ଗବାକ୍ଷଦ୍ୱାରପାର୍ଶ୍ୱସ୍ଥିତା ସେହି ସ୍ତ୍ରୀ ମୂର୍ତ୍ତି— ସେହି ଦ୍ୱିତୀୟ

Digitized by PPRACHIN, SOA

ଥର ବି. ଏ. ଫେଲ୍—ଏ ସବୁ ଧୀରେ ଧୀରେ ଗୋଟି ଗୋଟି ହୋଇ ତାହାର ମନେ ପଡ଼ିବାକୁ ଲାଗିଲା ଏବଂ ସେ ଅସ୍ଥିର ହୋଇ ଉଠିଲା । ଏ ବୟସରେ ସେ କଣ ବିବାହ କରିବ ? ଘର ଦ୍ୱାର କରିବ ? ଗୃହ ସଂସାର କରିବ ? ସେ ଆଶା ତାର ଚୂର୍ଣ୍ଣ ହୋଇ ଯାଇଅଛି । କାହାକୁ ନେଇ ସେ ସେ ଆଶା ପୂର୍ଣ୍ଣ କରିବାକୁ ଯିବ ? ଯାହାକୁ ନେଇ ସେ ସେ ଆଶା ପୂର୍ଣ୍ଣ କରିବାର ଆଶା ରଖିଥିଲା, ସେ ତ ଅନ୍ୟର କୁଳବଧୂ, ସେ ତ ବିବାହିତା, ସେ ତ ଜନନୀ, ତାହାର ସ୍ୱାମୀ ଅଛି, କନ୍ୟା ଅଛି, ଦୁଇ ପୁତ୍ର ଅଛି, ଶ୍ୱଶୁର ଶ୍ୱଶ୍ରୂ—ଏ ସମସ୍ତଙ୍କୁ ଛାଡ଼ି ସେ କିପରି ବା ତାର ହେବ ? ଆଉ ଏ କିପରି ବା ତାକୁ ତାହାର କରିବ ? କିନ୍ତୁ ଉଭୟଙ୍କର ଇଚ୍ଛା ଅଛି, ବାସନା ମଧ୍ୟ ଅଛି । କିନ୍ତୁ ବାସନା ଦମନ କରିବାରେ ହିଁ ମନୁଷ୍ୟତ୍ୱ, ବାସନାର ଅଧୀନ ହୋଇ ଭାସି ଯିବା ତ ଅସାର ମନୁଷ୍ୟର ଲକ୍ଷଣ । ସୁତରାଂ ସନ୍ନ୍ୟାସିର ଗୃହୀ ହେବା ବିଡ଼ମ୍ବନା । ମାତ୍ର ସନ୍ନ୍ୟାସୀ ହୋଇ ଅବା ରହି ପାରୁଅଛି କିପରି ? ଏକ ଉପାୟ ସ୍ଥିର କଲା । ସେହି ପ୍ରାସାଦର ନିମ୍ନରେ ଏକ କୁଟୀର ରଚନା କରି ସେହିଠାରେ ତାହାର ଶେଷ ଜୀବନ କଟାଇବାର ସ୍ଥିର କଲା । ସେମାନେ ପରସ୍ପର ନିକଟରେ ରହିବାରୁ ଉଭୟଙ୍କ ହୃଦୟ ମଧ୍ୟରେ ଯେଉଁ ଚିନ୍ତା ଜାଗରୁକ ଥିଲା, ତାହା ଭିନ୍ନ ଆକାର ଧାରଣ କଲା; ଅବଶ୍ୟ କେହି କାହାକୁ ଭୁଲିଲେ ନାହିଁ; ମାତ୍ର ସେମାନଙ୍କର ଭଲ ପାଇବାରେ ସାତ୍ତ୍ୱିକଭାବ ପୂର୍ଣ୍ଣ ହେଲା ଏବଂ କୌଣସି ଉତ୍କଟ ବାସନା ରହିଲା ନାହିଁ ।

Digitized by PPRACHIN, SOA

—ସନ୍ନ୍ୟାସିଙ୍କ ଚରଣାମୃତ ପାନ କରିବାପାଇଁ ମଣି ସେଠାକୁ ଯାଏ ଏବଂ ସନ୍ଧ୍ୟା ସମୟରେ ସେହିଠାରେ ବସି ବସି ତାଙ୍କର ଚରଣ ପାଖରେ ଭାଗବତ ଶୁଣେ ଏବଂ ସନ୍ନ୍ୟାସୀ ରୋଗାକ୍ରାନ୍ତ ହେଲେ ମଣି ସନ୍ନ୍ୟାସିଙ୍କ ସେବା କରେ । ମଣି ସେତେବେଳେ ଜନନୀ, ୫ ସନ୍ତାନର ମା; ତାହାର ମନରେ ବର୍ତ୍ତମାନ କୌଣସି ବିକାର ଜନ୍ମେ ନାହିଁ । ସନ୍ନ୍ୟାସୀ ମଧ୍ୟ ମଣିକୁ ନିଜର ସହୋଦରା ଭଗିନୀ ପ୍ରାୟ ମଣନ୍ତି । ଏହିପରି ଭାବରେ ସନ୍ନ୍ୟାସିଙ୍କର ଅନ୍ତିମ କାଳ ଏକ ପ୍ରକାର ଗୃହ ସୁଖ ଅନୁଭବ କରି କଟିଗଲା । ସେ କିଛି ଦୁଃଖ କଷ୍ଟ ଜାଣି ପାରିଲେ ନାହିଁ ।

ଦେଖୁ ଦେଖୁ ମଣିର ସମୟ ହୋଇ ଆସିଲା । ସନ୍ନ୍ୟାସିଙ୍କର ମଧ୍ୟ ସମୟ ହୋଇ ଆସିଲା । ଦୁହେଁ ମୃତ୍ୟୁର ଦ୍ୱାର ଦେଇ ଅମୃତ ରାଜ୍ୟକୁ ଚାଲିଗଲେ । ଦୁଇଟି ହୃଦୟର ଲୁକ୍କାୟିତ ପ୍ରେମ ଏହିପରି ଭାବରେ କ୍ରମେ କ୍ରମେ ପରିଶୋଧିତ ହୋଇ ଶେଷରେ ଭଗବାନଙ୍କ ସେବାରେ ଅର୍ପିତ ହେଲା ।

Digitized by PPRACHIN, SOA

ବୟୁସ୍କା ବାଳିକା ।

(ଗଳ୍ପ)

"ନା, ମୁଁ ଆଉ ପାରିବି ନାହିଁ; ଆଉ କେତେ ଦିନଯାଏ ମୁଁ ପିତାଙ୍କର ସଂଯମରେ ରହିଥିବି ? ମୋର କଣ ସ୍ୱତନ୍ତ୍ର ଭାବରେ ବିଚରଣ କରିବାର ଉପଯୁକ୍ତ ବୟସ ହୋଇ ନାହିଁ ? ମୁଁ କଣ ବର୍ତ୍ତମାନ ବୁଢ଼ା ପିତାଙ୍କ କଥାରେ ପଦେ ପଦେ ଚାଲୁଥିବି ? ନିଜର ଟିକିଏ ହେଲେ ସ୍ୱାଧୀନତା ରହିବ ନାହିଁ ? ଟିକିଏ ବାହାରକୁ ବାହାରିଲେ ବାପା ଗାଳି ଦିଅନ୍ତି; ଟିକିଏ କୋଠା ଉପରକୁ ଉଠିଲେ ମା ବିରକ୍ତ ହୁଅନ୍ତି; ଟିକିଏ ଝିଙ୍କା ବାଡ଼ି ଦେଇ ସଡ଼କରେ କିଏ ଯାଉଅଛି, ଆସୁଅଛି ଦେଖିଲେ ସମସ୍ତେ କ୍ରୁଦ୍ଧ ହୁଅନ୍ତି—ଏପରି ଅବସ୍ଥାରେ ମୁଁ ଆଉ ରହିକି ପାରିବି ନାହିଁ ।"

ଯୁବକର ହସ୍ତରେ ବାଳିକାର ହସ୍ତ ରହିଥିଲା ଏବଂ ବାଳିକା ଯୁବକର ଗଳା ପାଖରେ ଲାଗି ଯାଇ ଏହି କଥାଗୁଡ଼ିକ ଯେତେବେଳେ କହୁଥିଲା, ସେତେବେଳେ ସୂର୍ଯ୍ୟର ଅସ୍ତକାଳୀନ ରକ୍ତାଲୋକରେ ବାଳିକାର କମନୀୟ ମୁଖମଣ୍ଡଳ ଲୋହିତରାଗ-ରଞ୍ଜିତ ହୋଇ ଅତ୍ୟନ୍ତ ଅପରୂପ ଶୋଭା ଧାରଣ କରିଥିଲା । ସ୍ଥାନଟି ମଧ୍ୟ ବଡ଼ ମନୋରମ; ମହାନଦୀର ତଟ, ଜନପ୍ରାଣିହୀନ, ବୃକ୍ଷଶାଖାରେ ଦିବସାହାରରୁ ପ୍ରତ୍ୟାଗତ ପକ୍ଷିମାନଙ୍କର ଅସ୍ଫୁଟ କଳରବ ଏବଂ ମହାନଦୀର ମୃଦୁ କଲ୍ଲୋଳ ଏବଂ ନଦୀର ଅପର

Digitized by PPRACHIN, SOA

ଯାଉଥିଲା ସ୍ଥିର, ମୂକ, ଦୂରଦେଶସ୍ଥିତ ନୀଳ ଏବଂ ଶ୍ୟାମଳ ପାହାଡ଼ଗୁଡ଼ିକ ପ୍ରକୃତିରେ ପ୍ରକୃତିର ଗୋଟିଏ ପଟ ବିସ୍ତାର କରି ରହିଥିଲେ । ଏପରି ଦୃଶ୍ୟ ମଧ୍ୟରେ ବାଳିକାର କମନୀୟ ରୂପ ଏବଂ ସେହି କଥାଗୁଡ଼ିକ ସେହି ଯୁବକର କର୍ଣ୍ଣରେ ଅବର୍ଣ୍ଣନୀୟ ଭାବୋଚ୍ଛ୍ୱସିତ ଏବଂ ପ୍ରେମଦ୍ୱାରା ପୂତ ହୋଇ ଯେତେବେଳେ ବିଷାଦବିଜଡ଼ିତ କଣ୍ଠରେ ବାହାରୁଥିଲା ଏବଂ ତେଣେ ସୂର୍ଯ୍ୟ ଦିଗ୍‌ବଳୟର ତଳଦେଶକୁ ଅସ୍ତେ ଅସ୍ତେ ମହିମାମୟ ଦୃଶ୍ୟକୁ ପଶ୍ଚିମାକାଶରେ ବିସ୍ତାର କରି ବାହ୍ୟଜଗତ୍ ଏବଂ ଅନ୍ତର ଜଗତକୁ ମୁଗ୍ଧ କରି କେଉଁଆଡ଼େ ଚାଲି ଯାଉଥିଲା, ସେତେବେଳେ ସେହି ବିଜନ ବିଟପି ଶାଖା ତଳେ, ମହାନଦୀ କୂଳରେ ଏହି ଦୃଶ୍ୟ ପ୍ରକୃତରେ ସୁନ୍ଦର, ମହାନ୍ , ଉଦାର ଏବଂ ପ୍ରାଣସ୍ପର୍ଶୀ ।

ଯୁବକ ସ୍ଥିରଭାବରେ ଛିଡ଼ା ହୋଇ ଏହି କଥାଗୁଡ଼ିକ ଶୁଣି ସାରିଲା ପରେ ବାଳିକାକୁ ସାଦରରେ ଟିକିଏ ନିଜ ପାଖକୁ ଟାଣି ଆଣିଲା ଏବଂ କହିଲା—"ଛି, ଏପରି କାମ କରନ୍ତି ? ତୁମେ ଆଜି ସେହି ଖରାବେଳୁ ବାହାରି ଆସିଛ, ଆଉ ତେଣେ ଘରେ ସମସ୍ତେ ଚାରିଆଡ଼େ ବ୍ୟସ୍ତ ହୋଇ ଖୋଜୁଛନ୍ତି ! ତୁମେ ମୋ ସଙ୍ଗରେ ଆମ ଘରକୁ ଆସ । ମୁଁ ମାଆଙ୍କୁ କହିବି ଏବଂ ସେ ତୁମକୁ ନେଇ ତୁମ ଘରେ ଛାଡ଼ି ଦେଇ ଆସିବେ । ଘରେ ତାହାହେଲେ ତୁମକୁ କେହି କିଛି କହିବେ ନାହିଁ ।"

ବାଳିକା ଟିକିଏ ଦୁଃଖିତ ହୋଇ କହିଲା—"ନା, ମୁଁ ଯେତେବେଳେ ଗୃହ ପରିତ୍ୟାଗ କରିଅଛି, ସେତେବେଳେ ଆଉ ସେଠାକୁ ଫେରି ଯିବି କେଉଁ ମୁଖରେ ?"

Digitized by PPRACHIN, SOA

"କାହାର ଅଜ୍ଞାରେ ତୁମେ ଗୃହ ପରିତ୍ୟାଗ କଲ, ବାଳକେ ! ଅଥବା କେଉଁ ଉଦ୍ଦେଶ୍ୟରେ ତୁମେ ଘର ଛାଡ଼ିଅଛ ?"

ବାଳକା ଥରେ ମୁଗ୍ଧ ହୋଇ କ୍ଷଣକାଳ ସକାଶେ ସେହି ଯୁବକର ମୁଖ ଅଡ଼କୁ ଚାହିଁ ରହିଲା ଏବଂ ଦେଖି ଦେଖି ତାହାର ଚକ୍ଷୁ ଲୋତକରେ ପୂରିଗଲା; ସେ ଛଳଛଳନେତ୍ର ହୋଇ ଉଠିଲା ।

ଯୁବକ ଏହି ସମୟରେ କହିଲା—"ଛି, କାନ୍ଦୁଛ କାହିଁକି ?" ଏହି କଥା ଶୁଣି ବାଳକା ଭେ ଭେ କରି କାନ୍ଦି ଉଠିଲା । ଯୁବକ ମହା ବିପଦରେ ପଡ଼ିଲା, କଣ କରେ ? ଅଗତ୍ୟା ବାଳକାର ମସ୍ତକକୁ ନିଜର କୋଡ଼ ଉପରେ ରଖିଲା ଏବଂ ତାହାର ଚକ୍ଷୁରୁ ଏବଂ ଗଣ୍ଡଦେଶରୁ ଲୋତକ ପୋଛିଦେଲା ଏବଂ ତାହାର ବେଣୀରୁ ବହିର୍ଗତ କେଶଗୁଡ଼ିକୁ ଯତ୍ନର ସହିତ କର୍ଣ୍ଣମୂଳ ଅଡ଼କୁ ରଖିଦେଲା । ବାଳକାର ମୁଖମଣ୍ଡଳ ବର୍ତ୍ତମାନ ସେ ପୂର୍ଣ୍ଣଭାବରେ ଦେଖିବାକୁ ଲାଗିଲା ଏବଂ ମୁଗ୍ଧ ହେଲା ।

ଯୁବକ ଅସ୍ତେ ଅସ୍ତେ ଆରମ୍ଭ କଲା—"ମୁଗ୍ଧେ ! କାହିଁକି ଦୁଃଖ କରୁଅଛ ? ଥରେ ହୃଦୟ ଖୋଲି କହ ! ମୁଁ ତୁମକୁ ଯେତେଦୂର ପାରେଁ ସାହାଯ୍ୟ କରିବି । ତୁମର ମନର ଭାବ ଖୋଲି ମୋ ପାଖରେ ଥରେ କହ, ଆଉ କିଛି ନାହିଁ ।" ବାଳକା ନିରବ । ଯୁବକ ପୁଣି ପଚାରିଲା; ବାଳକା କେବଳ ଯୁବକ ଅଡ଼କୁ ଅନାଉଥାଏ, ଆଉ ଚକ୍ଷୁ ତାର ଛଳଛଳ ହୋଇ ଉଠୁଥାଏ । ଯୁବକ ତାର ଚକ୍ଷୁରୁ ଅଶ୍ରୁ ବାରମ୍ବାର ପୋଛି ଦେଉଥାଏ । ଶେଷରେ ଯୁବକ ଆଉ କିଛି ପଚାରିଲା ନାହିଁ;

Digitized by PPRACHIN, SOA

[illegible]-କହିଲା—ରାତ୍ରି ହେଲା, ଯିବା । ବାଳିକା ନିରୁତ୍ତର । ଯୁବକ ବିରକ୍ତ ହୋଇ ଉଠି ପଡିଲା ଏବଂ ବାଳିକାକୁ କହିଲା, ତୁମେ ତାହାହେଲେ ଯିବ ନାହିଁ ? ମୁଁ ଯାଉଅଛି । ବାଳିକା ହଠାତ୍ ବଜ୍ରଭୃତ କଣ୍ଠରେ କହିଲା, ହଉ । ଯୁବକ ଏହା ଶୁଣିଲା କ୍ଷଣି କ୍ଷିପ୍ରଗତିରେ ବାଳିକାର ସଙ୍ଗ ପରିତ୍ୟାଗ କରି ଚାଲିଗଲା ।

ଅନ୍ଧକାର ରାତି; ବାଳିକା ସେହିଠାରେ ଶୋଇ ରହିଲା । ଯୁବକ ଗୃହକୁ ପ୍ରସ୍ଥାନ କରି ଭୋଜନାଦି ପରେ ଶୋଇପଡିଲା । ତହିଁ ଆର ଦିନ ବାଳିକାର ଦେଖା ନାହିଁ; ଯୁବକ ମଧ୍ୟ କାହାକୁ କିଛି କହିଲା ନାହିଁ । ସହରଯାକ କଥାଟା ରାଷ୍ଟ୍ର ହୋଇଗଲା । ସନ୍ଧ୍ୟା ସମୟରେ ଯୁବକ ପୂର୍ବପରିଚିତ ସ୍ଥାନକୁ ଗଲା, ସେହି ବୃକ୍ଷର ନିକଟବର୍ତ୍ତୀ ହେଲା, ଦେଖିଲା କେହି ନାହିଁ; କେବଳ ଗୋଟିଏ ବାସି ଫୁଲମାଳ ସେଠାରେ ପଡିଅଛି, ଆଉ ଖଣ୍ଡିଏ ଛୋଟ କାଗଜ । ଯୁବକ କାଗଜ ଖଣ୍ଡିକ ହାତରେ ଉଠାଇ ନେଲା ଏବଂ ଦେଖିଲା, ସେଥିରେ ଆଉ କିଛି ନାହିଁ, କେବଳ ଲେଖାଅଛି—"ସୁରେନ୍ଦ୍ର" । ଯୁବକ ସ୍ତମ୍ଭୀଭୂତ ହୋଇଗଲା । "କଣ ମୋହର ଅଶାରେ ସେ ଗୃହ ପରିତ୍ୟାଗ କରିଛି ? ହାୟ ! ହାୟ ! କି ମୂର୍ଖ ମୁଁ; ଏ କଥା ମୁଁ କାଳି ଜାଣି ପାରିଲି ନାହିଁ ! ଏ କଥାର ସୂଚନା ସେ ଚଣ୍ଡାଳୁଣୀ ମଧ୍ୟ ମୋତେ ଟିକିଏ ଦେଲା ନାହିଁ । ମୁଁ କି ମହାପାପ କଲି ! ଗୋଟିଏ ନାରୀର ଜୀବନକୁ ବୃଥାରେ ନଷ୍ଟ କରିଦେଲି ! ମୋଠାରୁ ଆଉ ଅଧିକ ପାପୀ କିଏ ? ଧିକ୍ ମୋର କଲେଜ ପଢ଼ାକୁ ! ଧିକ୍ ମୋର ବୁଦ୍ଧିକୁ ! ଗୋଟିଏ ପ୍ରାଣିର ମନୋଗତ ଭାବ ବୁଝି ପାରିଲି ନାହିଁ ! ତେବେ ଆଉ ଏତେ ପଢ଼ିବାରେ କେଉଁ ଫଳ ?"

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ ।

ଯୁବକ ମଧ୍ୟ ଗୃହତ୍ୟାଗୀ ହେଲା । ସହରରେ ରାଷ୍ଟ୍ର ହୋଇଗଲା, ସୁରେନ୍ଦ୍ରର ଏ କାର୍ଯ୍ୟ । ହୀରା ଆଉ ଯାଆନ୍ତା କୁଆଡ଼େ ? ସେହି ସୁରେନ୍ଦ୍ରର ଚକ୍ରାନ୍ତରେ ଏହା ଘଟିଅଛି । କିନ୍ତୁ ହୀରା କାହିଁ ? ସୁରେନ୍ଦ୍ର କାହିଁ ? ଅନେକ ଅନୁସନ୍ଧାନ କରାଗଲା; କିନ୍ତୁ କିଛି ଫଳ ହେଲା ନାହିଁ । କ୍ରମେ କ୍ରମେ ୧୦ ଦିନ, ୨୦ ଦିନ, ମାସେ ଦୁଇ ମାସ, ବର୍ଷେ ଚାଲି ଗଲା—ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ, ଶୀତ ଯାଇ ପୁଣି ଯେଉଁ ବସନ୍ତରେ ସେମାନେ ଅନ୍ତର୍ହିତ ହୋଇଥିଲେ, ସେହି ବସନ୍ତ ଫେରି ଆସିଲା । ଲୋକେ ଏ ଥର ସବୁ ଆଶା ଛାଡ଼ିଲେ । କଲେଜ ପିଲାମାନଙ୍କ ମଧ୍ୟରେ ଗୋଟିଏ ଚହଳ ପଡ଼ିଗଲା । କଲେଜର ଗୋଟିଏ ଅକୀର୍ତ୍ତି ହେଲା । କଲେଜ ପିଲାମାନଙ୍କୁ ଭଦ୍ର ଲୋକମାନେ ଆଉ ବିଶ୍ୱାସ କରି ଘରକୁ ପୂରାଇଲେ ନାହିଁ । ଏ ବଡ଼ ଭୟଙ୍କର ହେଲା ! ଦେଖୁ ଦେଖୁ ବର୍ଷେ, ଦୁଇ ବର୍ଷ, ତିନି ବର୍ଷ ଏହିପରି ଚାଲିଗଲା; ତଥାପି ସେମାନଙ୍କର ଦେଖା ମିଳିଲା ନାହିଁ । ଅନେକେ ଏହି କଥା ଏକାବେଳକେ ଭୁଲି ଗଲେ; କେହି କେହି ବା କଥୋପକଥନ ସମୟରେ ଦୈବାତ୍ ସେମାନଙ୍କର ନାମୋଲ୍ଲେଖ କରନ୍ତି, କେହି କେହି ବା ନିଜ ବନ୍ଧୁମଣ୍ଡଳୀରେ ପରିହାସ କରି "ସୁରେନ୍ଦ୍ର"ର ଦୃଷ୍ଟାନ୍ତ ଦେଖାଇ କହନ୍ତି, ତୁମର ହୀରା କେଉଁଠାରେ ? ଇତ୍ୟାଦି ଇତ୍ୟାଦି । ଜନକ ଜନନୀଙ୍କ ଦୁଃଖ ମଧ୍ୟ ସମୟର ପ୍ରବାହରେ କ୍ରମେ କ୍ରମେ

Digitized by PPRACHIN, SOA

କ୍ଷୀଣି ଆସିଲା; ସେମାନଙ୍କର ଉକ୍ତ ମୂର୍ତ୍ତି ମଧ୍ୟ କ୍ରମେ କ୍ରମେ ଲୀନ ହୋଇ ଆସିଲା । କିନ୍ତୁ କମ ନୁହେ, ଛଅ ବର୍ଷ ଚାଲିଗଲା, ଅଥଚ କୌଣସି ସନ୍ଧାନ ମିଳିଲା ନାହିଁ । ସେମାନେ ଏ ଥର ସମସ୍ତ ଆଶା ପରିତ୍ୟାଗ କଲେ । ହୀରା ଏବଂ ସୁରେନ୍ଦ୍ର ସମସ୍ତଙ୍କ ସ୍ମୃତିରୁ, ଔତ୍ସୁକ୍ୟରୁ, ଚିନ୍ତାରୁ ବିଦାୟ ପାଇଗଲେ ।

ତୃତୀୟ ପରିଚ୍ଛେଦ ।

ବିନ୍ଧ୍ୟାଚଳ E.I.Ry. ର ଗୋଟିଏ ଷ୍ଟେସନ—କାଶୀର ନିକଟବର୍ତ୍ତୀ । ସ୍ଥାନଟି ଗୋଟିଏ ତୀର୍ଥ ।

କେତେକ ଓଡ଼ିଆ ଯାତ୍ରୀ ବୃନ୍ଦାବନରୁ ଫେରି ବିନ୍ଧ୍ୟାଚଳରେ ଓହ୍ଲାଇଅଛନ୍ତି । ଷ୍ଟେସନରେ ଓହ୍ଲାଇବା ସମୟରେ ଆକାଶରୁ ମୂଷଳ ଧାରାରେ ବୃଷ୍ଟି ହେଉଥିଲା, ଘନ ଘନ ବିଦ୍ୟୁତ୍ ଚମକାଉଥିଲା । କୌଣସି ଉପାୟରେ ଗାଡ଼ୀରୁ ଓହ୍ଲାଇ ସେମାନେ ବିନ୍ଧ୍ୟାଚଳର ଆଶ୍ରମ ଅଡ଼କୁ ଅଗ୍ରସର ହେଲେ । ଶେଷରେ ଗୋଟିଏ ଆଶ୍ରମ ନିକଟରେ ଯାଇ ଉପନୀତ ହୋଇ ସେହି ରାତ୍ରିକପାଇଁ ଆଶ୍ରୟ ଭିକ୍ଷା କଲେ । ଗୃହ ଭିତରୁ ଜଣେ ତେଜସ୍ୱୀ ମଧ୍ୟବର୍ଷୀୟ ବ୍ୟକ୍ତି ବାହାରି ଆସି କହିଲେ, ଅଚ୍ଛା ଏହି କୁଟୀରରେ ଆଜ ରାତିଟା ଆଶ୍ରୟ ନିଅ; କାଲି ସକାଳେ ତୁମ୍ଭେମାନେ ନିଜ ନିଜର ବନ୍ଦୋବସ୍ତ କରିନେବ । ଏହା

Digitized by PPRACHIN, SOA

କହି ସେମାନଙ୍କୁ ଢାଲ ଏବଂ ଦଉଡ଼ି ଦେଲା; ସେମାନେ ହସ୍ତଗୋଡ଼ ଧୋଇଲେ । ଶେଷରେ ସେ ମହିଣା ପାର ହେଲା ଏବଂ ସମସ୍ତେ ନିଶ୍ଚିନ୍ତ ହୋଇ ବସିଲେ । ରାତି ଅନେକ ହୋଇଥିଲା, ଅନ୍ତ୍ରମର ଅଧିକାଂଶ କାଠ ଜଳଯୋଗ କରିବାପାଇଁ କହିଲା, ସେମାନେ ସେଥିରେ ନାରାଜ ହେଲେ । ପରେ ଅନେକ ପୀଡ଼ାପୀଡ଼ି କରିବାରୁ ସେମାନେ ଖଣ୍ଡିଏ ଖଣ୍ଡିଏ କୋରା ଖାଇ ପାଣି ପିଇଲେ ଏବଂ ପାନ ଭାଙ୍ଗି ସାରି ଧୀରେ ଧୀରେ ଶୋଇ ପଡ଼ିଲେ । ଆଉ ବର୍ଷା ହୋଇ ନାହିଁ; ସ୍ଥାନଟି ମନୋରମ; ନଈଆ ଗଛର ହୁ ହୁ ଶବ୍ଦ ସମସ୍ତ ରାତି ଶୁଣା ଯାଉଥିଲା ଏବଂ ଗୋଟିଏ ବୋଲି ମଶା ନ ଥିଲେ; ଥଣ୍ଡା ପବନ ଦେହରେ ବାଜିବାରୁ ସମସ୍ତେ ହଠାତ୍ ମୂର୍ଚ୍ଛିତ ହେଲା ପରି ଶାନ୍ତଭାବରେ ଶୋଇ ପଡ଼ିଲେ ।

ରାତି ପାହିଲାରୁ କୁଆ ରାବି ଗଲା, ସମସ୍ତେ ଧୀରେ ଧୀରେ ଉଠିଲେ । ସକାଳ ହେବାରୁ ପରସ୍ପର ଦେଖାଦେଖି ହେଲେ । ବାବାଜି ଏମାନଙ୍କ ଅଡ଼କୁ ଚାହିଁଲେ, ଚିହ୍ନିଲେ; କିନ୍ତୁ ସେମାନେ ଯେପରି ତାକୁ ନ ଚିହ୍ନନ୍ତି, ସେହିପରି ଭଙ୍ଗୀରେ କଥାବାର୍ତ୍ତା ଏବଂ ବ୍ୟବହାର କରିବାକୁ ଲାଗିଲା । ସେମାନେ ଏହାକୁ ସେତେଦୂର ଚିହ୍ନି ପାରିଲେ ନାହିଁ; କାରଣ ତାହାର ଦାଢ଼ି ନିଶ ପ୍ରଭୃତି ତାହାର ଚେହେରାକୁ ବହୁ ପରିମାଣରେ ଢାଙ୍କି ରଖିଥିଲା । ତଥାପି ସେମାନଙ୍କ ମଧ୍ୟରୁ କେହି କେହି ତାହାକୁ ସେମାନଙ୍କର ପରିଚିତ ପରି ଭାବିଲେ, ମାତ୍ର ନିତାନ୍ତ ସନ୍ଦେହାକୁଳ ହୋଇ ।

ଦିନ ହେଲା, ସେମାନେ ଚାରିଆଡ଼େ ବୁଲି ବୁଲି ସ୍ଥାନଟି ଦେଖିଲେ । ଏକ ସ୍ଥାନରେ ଗୋଟିଏ ମନୋରମ ଦେବମନ୍ଦିର

Digitized by PPRACHIN, SOA

ଅଛି ଏବଂ ସେଠାରେ ଏକ ରୂପଲାବଣ୍ୟସମ୍ପନ୍ନା ସତ୍ତ୍ୱଭାବାପନ୍ନା ରମଣୀ ମନ୍ଦିରର ସେବାରେ ରହିଅଛି । ସେମାନେ ସେଠାକୁ ଗଲେ । ଉକ୍ତ ରମଣୀ ସେମାନଙ୍କୁ ଦେଖି ସନ୍ତୁଷ୍ଟ ହେଲା । ଏମାନଙ୍କ ମଧ୍ୟରେ ଅନେକ ସ୍ତ୍ରୀଲୋକ ଥିବାରୁ ରମଣୀ ସହିତ ଅନେକ କ୍ଷଣଯାଏ କଥାବାର୍ତ୍ତା କରିବାକୁ ଲାଗିଲେ । ପରେ ସେମାନେ ପଚାରିଲେ, " ତୁମେ କେତେ ଦିନରୁ ସନ୍ନ୍ୟାସିନୀ ହୋଇଅଛ ?" ସେ କହିଲା, "ଅନେକ ଦିନରୁ, ମୋତେ ଯେତେବେଳେ ୧୩ ବର୍ଷ ହୋଇଥିଲା ।" "କାହିଁକି ମା, ଏତେ ଅଳ୍ପ ବୟସରୁ ସନ୍ନ୍ୟାସିନୀ ହୋଇଥିଲ ?" ସେ କହିଲା, "ସେ ସବୁ କଥା କହିଲେ କଣ ହେବ ? ସେ ଯୌବନର ସ୍ୱପ୍ନ ସବୁ ଆଜ କେଉଁଆଡ଼େ ଚାଲି ଯାଇଅଛି । କିଛି ନା,—ଗୋଟିଏ ଖିଆଲରେ ସନ୍ନ୍ୟାସିନୀ ହୋଇଥିଲି ।" "ଅଚ୍ଛା ! ତୁମେ ଏଠାରେ ସୁଖରେ ଅଛ ?" "ହଁ, ବେଶ ସୁଖରେ ଅଛି, କୌଣସି ଦୁଃଖ ନାହିଁ ।" ତାହାର ଏହି କଥା ଶୁଣି ସେମାନଙ୍କ ମଧ୍ୟରୁ ଜଣେ କହି ଉଠିଲା, "ଆମ ହୀରା ତ ଠିକ ଏହାର ପରି ଥିଲା, କେଉଁଆଡ଼େ ଚାଲିଗଲା !" ଆଉ ଜଣେ କହିଲା, "ହଁ, ଠିକ ତ ଏହାର ପରି ।" "ହୀରା"—ଏହି ନାମ ଶୁଣିଲା କ୍ଷଣି ସେହି ରମଣୀର ଟିକିଏ ଚାଞ୍ଚଲ୍ୟ ଦେଖାଗଲା । ସେ ପଚାରି ଉଠିଲା, 'କେଉଁ ହୀରା ?' ସେମାନଙ୍କ ମଧ୍ୟରୁ ଜଣେ ସ୍ତ୍ରୀ କହିଲା, "ନା, ସେ ଆମ ଦେଶର ଜଣେ ବାଳିକା ।" "ହଁ, କଣ ହେଲା ?" "ନା, ସେ ମଧ୍ୟ ତୁମରି ପରି ଦେଖିବାକୁ ଥିଲା ଏବଂ ୧୩ ବର୍ଷ ବୟସରେ ଘର ଛାଡ଼ି କେଉଁଆଡ଼େ ଚାଲିଗଲା ।

Digitized by PPRACHIN, SOA

ଆଉ ସଙ୍ଗେ ସଙ୍ଗେ ସୁରେନ୍ଦ୍ର ପିଲାଟା ବି କେଉଁଆଡ଼େ ଅନ୍ତର୍ହିତ ହୋଇଗଲା ।" "ସୁରେନ୍ଦ୍ର ? କେଉଁ ସୁରେନ୍ଦ୍ର ?" "ସେ ସେହି ଆମ ଘର ପାଖର ଗୋଟିଏ ପିଲା, କଲେଜରେ ପଢ଼ୁଥିଲା । ସମସ୍ତେ କହିଲେ, ସେହି କପଟି ହୀରାକୁ ଶିଖାଇ ତାକୁ ନେଇ କେଉଁଆଡ଼େ ଚାଲିଗଲା ।" ଆଉ ଗୋଟିଏ ସ୍ତ୍ରୀଲୋକ କହିଲା, "କି ଆଶ୍ଚର୍ଯ୍ୟ ! ଆଜ ୧୦ ବର୍ଷର କଥା, ଆଜ ଏଠାରେ ଆସି ଏହି ବାବାଜୀ ଏବଂ ଏହି ତୁମକୁ ଦେଖି ମନେ ପଡ଼ିଲା ।" ସେ ରମଣୀ ପଚାରିଲା, "କେଉଁ ବାବାଜୀ ?" ସେମାନେ କହିଲେ, "କାଲି ରାତିରେ ଆମେ ଯେଉଁ ବାବାଜୀର କୁଟୀରରେ ଆଶ୍ରୟ ନେଇଥିଲୁଁ । ସେ ମଧ୍ୟ ଦେଖିବାକୁ ସୁରେନ୍ଦ୍ର ପରି ।"

ଏହି କଥା ପରେ ସମସ୍ତେ ଚାଲିଗଲେ । ବେଳ ମଧ୍ୟ ଅନେକ ହୋଇଥିଲା । କେବଳ ଗୋଟିଏ ବୃଦ୍ଧା ପଛରେ ରହିଲା । ବୃଦ୍ଧା ରମଣୀର ଇତିବୃତ୍ତ ସମ୍ପୂର୍ଣ୍ଣଭାବରେ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କଲା ଏବଂ ରମଣୀ ତାହାର ଜୀବନ-ଇତିହାସର ଗୋଟିଏ ଗୋଟିଏ ପୃଷ୍ଠା କହିଗଲା । ବୃଦ୍ଧା ସବୁ ଶୁଣି ସାରି ବାବାଜୀ ପାଖକୁ ଗଲା ଏବଂ ତାହାର ଜୀବନକାହାଣୀ ମଧ୍ୟ ଶୁଣିଲା । ଦୁହିଙ୍କର ଜୀବନ କଥା ଶୁଣି ସାରି ବୃଦ୍ଧାର ମନରେ ତିଳେମାତ୍ର ସନ୍ଦେହ ରହିଲା ନାହିଁ ଯେ, ଏ ଦୁହେଁ ସେହି ସୁରେନ୍ଦ୍ର ଏବଂ ହୀରା । ବୃଦ୍ଧା ସୁରେନ୍ଦ୍ରକୁ ପଚାରିଲା, "ତୁମେ ହୀରା ସଙ୍ଗରେ କପରି ବ୍ୟବହାର କର ସତ୍ୟ କରି କହିବ ।" ସୁରେନ୍ଦ୍ର ହସି ହସି କହିଲା, "କାହିଁକି, ଆପଣ ସନ୍ଦେହ କରୁଅଛନ୍ତି କି ? ଦିନେ କେବଳ ମୁହୂର୍ତ୍ତକ ପାଇଁ

Digitized by PPRACHIN, SOA

ମୁଗ୍ଧ ହୋଇଥିଲି; ନୋହିଲେ ସେ ମୋର ଭଗିନୀ ।" "ସେ ଦିନ କେଉଁ ଦିନ ?" ବାବାଜୀ ଉତ୍ତର କଲେ, "ଯେଉଁ ଦିନ ହୀରା ଗୃହ ପରିତ୍ୟାଗ କରି ଆସିଥିଲା ।" "ତୁମେ କିପରି ମୁଗ୍ଧ ହୋଇଥିଲ, କେଉଁଠାରେ ମୁଗ୍ଧ ହୋଇଥିଲ ?" ବାବାଜୀ—"ମୁଁ ଯେତେବେଳେ ତାକୁ ମହାନଦୀକୂଳରେ ସନ୍ଧ୍ୟାସମୟରେ ଏକାକୀ ଏକ ବୃକ୍ଷତଳରେ ଦେଖିଥିଲି, ସେହି ଦିନ ।" ବୃଦ୍ଧା ପଚାରିଲେ—"ହୀରାର ପଳାୟନର କାରଣ କିଏ ?" ବାବାଜୀ—"ସେ ନିଜେ ।" "ତୁମେ ନୁହଁ ବାବାଜୀ ?" "ନା, ମୁଁ ନୁହେଁ ?" "ସେ କାହିଁକି ପଳାୟନ କରିଥିଲା ?" ବାବାଜୀ—"ପରେ ଜାଣିଲି, ମୋତେ ବିବାହ କରିବାପାଇଁ ।" "ଅଚ୍ଛା, ତୁମେ ଦୁହେଁ କେବେ ବିବାହିତ ହୋଇଥିଲ କି ନା ?" ବାବାଜୀ—"ନା, ମିଥ୍ୟା କହିବି କାହିଁକି, ଆମ୍ଭେମାନେ ଚିନ୍ତାରେ ବିବାହିତ; କିନ୍ତୁ ଶାସ୍ତ୍ରୀୟ ବନ୍ଧନ ହିସାବରେ ଆମ୍ଭେମାନେ ଦିନକପାଇଁ ସୁଦ୍ଧା ବିବାହିତ ନୋହୁଁ ।" "ଅଚ୍ଛା, ବର୍ତ୍ତମାନ କି ଉଦ୍ଦେଶ୍ୟ ?" ବାବାଜୀ—"ବର୍ତ୍ତମାନ ଆଉ କି ଉଦ୍ଦେଶ୍ୟ ? ବିଭୁଙ୍କ ସେବାରେ ଦୁହେଁ ଭାଇ ଭଗିନୀ ଭାବରେ ଲାଗିଅଛୁଁ । ଈଶ୍ୱର ଏକମାତ୍ର ସାକ୍ଷୀ, ଆମ୍ଭମାନଙ୍କ ହୃଦୟରେ କି ଭାବ ଅଛି ।" ବୃଦ୍ଧା—"ଅଚ୍ଛା ତୁମେ ବିବାହ କଲେ କି କ୍ଷତି ଅଛି ?" ବାବାଜୀ—"ପାପ ! ପାପ ! ସେ କଥା କହିବେ ନାହିଁ ।" ବୃଦ୍ଧା—ଅଚ୍ଛା, "ହୀରାର ମନ୍ଦିରକୁ ଆସ ।"

ଉଭୟେ ହୀରାର ମନ୍ଦିରରେ ଉପସ୍ଥିତ ହେଲେ । ତିନି ଜଣ ମିଳିତ ହେଲାରୁ ବୃଦ୍ଧା କହିଲେ—ଦେଖ, ଏହି ଦେବତା

Digitized by PPRACHIN, SOA

ସମ୍ମୁଖରେ ତୁମେ ଏବଂ ହୀର ମୋର ଶରୀର ସ୍ପର୍ଶ କରି ଶପଥ କର ଯେ; ବାକି ଜୀବନ ମଧ୍ୟରେ ଯେପରି ପାପର ଆଶ୍ରୟ ନ ନଅ । ଦେଖ ବତ୍ସ ! ମନୁଷ୍ୟ ଦେବତା ହୋଇ ସୁଦ୍ଧା ପଯ୍ୟୁତାନ ହୋଇଅଛି; ଅତଏବ ଏ ସଂସାରରେ ଚିର-କାଳ ଧାର୍ମିକ ହୋଇ ରହିବା ମହା ପୁଣ୍ୟର କଥା । ହୀର ଏବଂ ବାବାଜୀ ନତମସ୍ତକ ହୋଇ ଏହି କଥା ସ୍ୱୀକାର କଲେ । ପରେ ବୃଦ୍ଧା କହିଲା—ତୁମେ ଚିହ୍ନି ପାରୁଅଛ ମୁଁ କିଏ ? ହୀର କହିଲା—ନା । ବୃଦ୍ଧା ଚମକି ଉଠି କହିଲା —ଏଁ, ମୋର ସନ୍ତାନ ହୋଇ ତୁ ମୋ ପାଖରେ ଲୁଚି ରହିବୁ ? ହୀର ମାତାର ଚରଣତଳେ ପଡ଼ି କ୍ଷମା ଭିକ୍ଷା କଲା । ବୃଦ୍ଧା କହିଲା, ଉଠ, ମୁଁ ତୋତେ କ୍ଷମା କଲି । କନ୍ୟା ମହା ପାପୀୟସୀ ହୋଇଥିଲେ ସୁଦ୍ଧା ଜନନୀ ନିକଟରେ କ୍ଷମାର ଯୋଗ୍ୟା, ଆଉ ତୁ ତ ମୋର ହୃଦୟର ଗୌରବ, ଉଠ । ପରେ ବୃଦ୍ଧା କହିଲା, ମା ହୀର, ଆଉ କାହିଁକି ? ଗୃହକୁ ଫେରିଯାଇ କେଉଁ ସୁଖ ଲାଭ କରିବ ? ମୋ ପାଇଁ ମଧ୍ୟ ଏଠାରେ ଗୋଟିଏ କୁଟୀର ରଚନା କରିଦେ । ହୀର କହିଲା, ବାପା କିପରି ଏକା ରହିବେ ? ମା କହିଲା—ସନ୍ନ୍ୟାସିନୀ ହୋଇ ସୁଦ୍ଧା ତୋର ସେ ଚିନ୍ତା ଅଛି ପରା ! ବାପା ଯେ ସ୍ୱର୍ଗବାସୀ ହୀର ! ଏହା କହିଲାକ୍ଷଣି ବୃଦ୍ଧାର ଚକ୍ଷୁ ଲୋତକପୂର୍ଣ୍ଣ ହୋଇ ଆସିଲା । ହୀରର ଚକ୍ଷୁ ମଧ୍ୟ ଅଶ୍ରୁଛଳଛଳ ହୋଇଗଲା । ସୁରେନ୍ଦ୍ର କହିଲା, ଦୁଃଖ କରିବାର କିଛି ନାହିଁ; ଆମେ ସମସ୍ତେ ତ ସେହିଠାକୁ ଯିବୁଁ ।

ଉପେକ୍ଷିତା ।

(୧)

ରବି ପ୍ରଭାତ ହେଲା; ନୀଡ଼ ଛାଡ଼ି ବିହଗ ଦିଗ ଦିଗନ୍ତକୁ ଆହାରାନ୍ୱେଷଣରେ ବହିର୍ଗତ ହେଲେ; ପ୍ରକୃତି ସୁନ୍ଦର ଦିଶୁଅଛି; ତେବେ ତାହାର ମୁଖମଣ୍ଡଳ ଯେପରି ଗୋଟିଏ ପାଂଶୁ ଆଭା ଧାରଣ କରିଅଛି । ବିସ୍ତୃତ ପ୍ରାନ୍ତର ମଧ୍ୟରେ ଗୋଟିଏ ବାଳିକା ନବଯୌବନୋଦ୍ଗତା, ବକ୍ଷରେ ଗୋଟିଏ ସୁନ୍ଦର ଶିଶୁସନ୍ତାନକୁ ଧରି ରୋରୁଦ୍ୟମାନା, ଗଦ୍‌ଗଦ ଭାବରେ ତାହାର ଗଣ୍ଡଦ୍ୱୟ ପ୍ଲାବିତ କରି ଅଶ୍ରୁ ବହିଯାଉଅଛି; ପ୍ରାତଃକାଳର ଦୃଶ୍ୟ ଅତୀବ ହୃଦୟସ୍ପର୍ଶୀ । ଦେଖୁ ଦେଖୁ ଶିଶୁସନ୍ତାନଟି ମଧ୍ୟ କ୍ରନ୍ଦନ କରି ଉଠିଲା; ବାଳିକା ସେତେବେଳେ ତାକୁ ଆଶ୍ୱସ୍ତ କରିବା ନିମିତ୍ତ ନିଜେ ରୋଦନରୁ ସ୍ଥଗିତ ହେଲା । ପରେ ସେ ଶିଶୁର ଚକ୍ଷୁରୁ ଲୋତକ ପୋଛି ଦେଇ କହିଲା, "ମା, ତୁ କାହିଁକି କାନ୍ଦୁଛୁ ? ତୋର କଣ ହୋଇଛି କି ? ନା, ମା, କାନ୍ଦ ନା, କାନ୍ଦ ନା ।" ଶିଶୁଟି ଉତ୍ଫୁଲ୍ଲଭାବରେ ମାତାର ବଦନମଣ୍ଡଳ ଆଡ଼କୁ ବିସ୍ଫାରିତ ନେତ୍ରରେ ଏକଦୃଷ୍ଟିରେ ଚାହିଁ ରହିଲା; ଶିଶୁର ଚକ୍ଷୁ ପଦ୍ମପତ୍ର ସଦୃଶ, ନୀଳ କମଳ ଦୁଇଟି ଯେପରି ଶରୀର-ସାଗରରେ ଭାସୁଅଛି । ଶିଶୁର ଅବୟବଗଠନ ମଧ୍ୟ ସୁନ୍ଦର; ସୁଗୋଲ କ୍ଷୁଦ୍ର ବାହୁ, ପୁଷ୍ଟ ଶରୀର, କଥା କହିବାକୁ ବର୍ତ୍ତମାନ ସୁଦ୍ଧା ଶିଖି ନାହିଁ; ତାର କର୍ଣ୍ଣରେ ପ୍ରକୃତିର ଯେଉଁ ଶବ୍ଦ ଯେତେବେଳେ ପ୍ରବେଶ କରୁଅଛି, ସେତେବେଳେ ଚାରିଆଡ଼କୁ ଚାହୁଁଅଛି;

Digitized by PPRACHIN, SOA

ଇଚ୍ଛା—ସେ ଜାଣିବ, କେଉଁ ପ୍ରାନ୍ତରୁ କେଉଁ କଣ୍ଠରୁ ସେହି ଶବ୍ଦଲହରୀ ଆସୁଅଛି; ଶିଶୁର ଚକ୍ଷୁ ମଧ୍ୟ ବଲ ବଲ କରି ଚାହିଁ ରହିଅଛି । ଅହୋ ! ବୋଧ ହେଉଅଛି, ଯେପରି କି ସେ ସକଳ ରାଜ୍ୟର ଦ୍ରଷ୍ଟା ଏବଂ ଶ୍ରୋତା; ବୋଧ ହେଉଅଛି, ଯେପରି କି ଦିଗନ୍ତର ଅପର ପାରରୁ କି ମଧୁ ସଙ୍ଗୀତ ତାହାର କର୍ଣ୍ଣଯୁଗଳ ନିକଟକୁ ବହି ଆସୁଅଛି, ଆଉ ସେ ତନ୍ମନା ହୋଇ ଶ୍ରବଣ ଦ୍ୱାର ଉକ୍ତ ଶବ୍ଦ ଉପଭୋଗ କରୁଅଛି । ଏପରି ଶିଶୁଟି କ୍ରୋଡ଼ରେ ଧରି ରୋରୁଦ୍ୟମାନା ମାତାପିତା ଉପେକ୍ଷିତା ଏ ବାଳିକା ଅଥବା ନବଯୌବନମଧୁପୂରିତା ଏହି ସ୍ତ୍ରୀଟି କିଏ ? ସଂସାରର ବିସ୍ତୀର୍ଣ୍ଣ କ୍ଷେତ୍ରରେ ତାହାର ବାସସ୍ଥାନ କାହିଁ ? ସେ ଗୃହବିତାଡିତା, ଉପେକ୍ଷିତା ଭାବରେ ଆଜି ପ୍ରାନ୍ତର ମଧ୍ୟରେ ବସି କ୍ରନ୍ଦନ କରୁଅଛି, ହାୟ ! ହାୟ ! କଠୋର ସଂସାର ।

ଦେଖୁ ଦେଖୁ ଖବର ଉଠିଗଲା; ଅନେକ ଲୋକ ସେ ବାଟ ଦେଇ ଯା ଆସ କରିବାକୁ ଲାଗିଲେ; କିନ୍ତୁ ସମସ୍ତେ ମୁହୂର୍ତ୍ତକ ପାଇଁ ସେଠାରେ ସ୍ଥଗିତ ହୋଇ ନାସ୍ତିକର ଦୁଃଖଦୁର୍ଦ୍ଦଶାପନ୍ନ ଅବସ୍ଥା ଦେଖି ଟିକିଏ ଦୁଃଖିତ ହୋଇ ପୁଣି ଯେ ଯାହା କର୍ମରେ ଚାଲିଯାଉଥାନ୍ତି । ସ୍ଥାନଟି ପଲ୍ଲୀରେ ନୁହେଁ, ଏକ ସହରରେ; ସୁତରାଂ ଅନନ୍ତ ସ୍ରୋତ ଚାଲିଅଛି, କିନ୍ତୁ କେହି ସେଠାରେ ରହିବାକୁ ନାହିଁ; ସମସ୍ତେ ଚଞ୍ଚଳ, ପର ପ୍ରତି ଉଦାସୀନ ଏବଂ ନିଜ କାର୍ଯ୍ୟ ପାଇଁ ବ୍ୟସ୍ତ ହୋଇ ଧାଇଁଛନ୍ତି । ବାଳିକା ଏହି ଅଭିଜ୍ଞତା ପ୍ରଥମ ଲାଭ କଲା । ସେ କେବେହେଁ ଗୃହରୁ ବାହାର ହୋଇ ନ ଥିଲା । ବିବାହ ଦିବସରୁ ଆଜି ପର୍ଯ୍ୟନ୍ତ ସେ ସ୍ୱାମିର

Digitized by PPRACHIN, SOA

ପର୍ଯ୍ୟଙ୍କଶାୟିନୀ ହୋଇ ରହିଥିଲା; ସ୍ୱାମୀ ଆଜ ଅନ୍ୟ ଏକ ଭ୍ରଷ୍ଟା ନାରୀ ପ୍ରତି ଆସକ୍ତ ହୋଇ ସ୍ୱ ସ୍ତ୍ରୀ ପ୍ରତି କର୍ତ୍ତବ୍ୟ ଭୁଲି, ପରିଶେଷରେ ତାହାକୁ ପ୍ରହାର ଏବଂ ତାଡ଼ନା କରି ଗୃହରୁ ନିଷ୍କାଶିତ କରିଅଛି ।

ଯାହାହେଉ, ସ୍ତ୍ରୀଟି କାନ୍ଦି କାନ୍ଦି ଥକିଗଲା ଏବଂ କିଞ୍ଚିତ୍ ଆଶ୍ୱସ୍ତ ମଧ୍ୟ ହେଲା; କାରଣ ମନର ଘନୀଭୂତ ଦୁଃଖ ଚକ୍ଷୁଦ୍ୱାର ଦେଇ ଅଶ୍ରୁରୂପରେ ବିଗଳିତ ହୋଇ ବହିର୍ଭୂତ ହୋଇ ସାରିଲା ପରେ ଗୋଟିଏ ଆଶ୍ୱାସ ଆସେ, ଚିତ୍ତ ଲଘୁ ହୁଏ, ହୃଦୟର ମନ୍ଦିରଗିରି ସଦୃଶ ଗୁରୁ ଭାର କମିଯାଏ, ଏହା ଅଚିନ୍ତ୍ୟ ବିଧାତାପୁରୁଷ କମ୍ବା ନିତ୍ୟଶାଶ୍ୱତ ପ୍ରକୃତିର ନିୟମ । ବାଳିକା ସନ୍ତାନଟିକୁ ନେଇ ପ୍ରାନ୍ତରରୁ ଧୀରେ ଧୀରେ ଚାଲିଯାଇ ଆମ୍ର-ଜମ୍ବୁ-ପନସ ଇତ୍ୟାଦି ପୂର୍ଣ୍ଣ ଛାୟାନିକୁଞ୍ଜରେ ଯାଇ ବସିଲା । କିୟତ୍‌କ୍ଷଣ ପରେ ଶିଶୁକୁ ସ୍ତନ୍ୟ ଦାନ କରି, ଶିଶୁ ନିଦ୍ରାଭିଭୂତ ହୁଅନ୍ତେ, ନିଜେ ଖଣ୍ଡିଏ ବୃକ୍ଷର ଡାଳ ଭାଙ୍ଗି ଦନ୍ତଧାବନ କରିବାକୁ ଲାଗିଲା ଏବଂ ନିକଟରେ ଗୋଟିଏ କଳ ଥିବାରୁ ପାଣି ନେଇ ମୁହଁ ଧୋଇ ସାରି ଶିଶୁ ପାଖରେ ଯାଇ ବସିଲା; ଗୋଟିଏ କନାରେ ଦୁଇଟା ଭୂଜା ଥିଲା, ତାହା ବାହାରି କରି ଗୋଟିଏ ଗୋଟିଏ କରି ପାଟିରେ ପକାଇବାକୁ ଲାଗିଲା ।

(୨)

ଏହି ବାଳିକାର ସ୍ୱାମୀଟି ବେଶ ସଚ୍ଚରିତ୍ର, ଶୋଭନସ୍ୱଭାବ ଥିଲା, ଯେତେବେଳେ ସେ ବାଳକ ଥିଲା, ଯେତେବେଳେ

Digitized by PPRACHIN, SOA

ତାହାର ବିବାହ ହୋଇଥିଲା । କିନ୍ତୁ କାଳକ୍ରମେ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ଇନ୍ଦ୍ରିୟବୃତ୍ତିମାନଙ୍କରେ ପଡ଼ି ଏପରି ଇନ୍ଦ୍ରିୟାସକ୍ତ ହେବ ବୋଲି କିଏ ସ୍ୱପ୍ନରେ ଭାବିଥିଲା ? ସୁନ୍ଦର ଆକୃତି, ପୁଷ୍ଟ ଶରୀର, ଉଜ୍ଜ୍ୱଳ ଚକ୍ଷୁ, ପ୍ରଖର ବୁଦ୍ଧି, ବିଦ୍ୟା ସୁନ୍ଦର—ଏପରି ସନ୍ତାନକୁ ଅବା କିଏ ନିଜର କନ୍ୟା ଦାନ ନ କରିବ କହ ? ଅତଏବ ଜନକ ଜନନୀଙ୍କର ଦୋଷ ନୁହେ ଯେ, ସେମାନେ ନ ବୁଝି ନ ଶୁଝି ନିଜର କନ୍ୟାକୁ ଏକ ଅବିବେଚକ ବୁଦ୍ଧିଶୂନ୍ୟ ବାଳକର ହସ୍ତରେ ସମର୍ପଣ କରିଦେଲେ । ବାଳକ ପିଲାଟିଦିନୁଁ ପିତୃମାତୃ-ହୀନ; ମାମୁଘରେ ରହି ବଢ଼ିଥିଲା; ସେଠାରେ ମାମୁ ପ୍ରଭୃତି କେହି ସେପରି ବାଳକର ଚରିତ୍ର ଗଠନରେ ତୀକ୍ଷ୍ଣ ଦୃଷ୍ଟି ରଖି ନ ଥିଲେ; ସୁତରାଂ ବାଳକଟି ଯୌବନର ଉଦୟ ସଙ୍ଗେ ସଙ୍ଗେ ଦୁର୍ନିବାର କାମେଚ୍ଛାଦ୍ୱାରା ପରିଚାଳିତ ଏବଂ ପରିବାହିତ ହେବାକୁ ଲାଗିଲା । ଯୁବକର ଦୋଷ ଅବା କିଏ ଦେବ ? ମନୁଷ୍ୟ ଏପରି ଅସହାୟ ଯେ, ସବୁବେଳେ ବାଲ୍ୟ କାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଅପରର ସାହାଯ୍ୟ ବିନା ଠିକ୍ ଭାବରେ ଚଳି ପାରେ ନାହିଁ । ଶିଶୁ ଯେତେବେଳେ—ଜନନୀର ସ୍ତନ୍ୟ ବିନା ତାହାର ଜୀବନ ବିପତ୍ତିସଂକୁଳ; ବାଳକ ଯେତେବେଳେ—ଯୁବକ ଯେତେ-ବେଳେ—ସେତେବେଳେ ଅନ୍ୟର ଶାସନ ବିନା ତାହାର ଜୀବନ-ନୌକା ପଦେ ପଦେ ବିପଦ୍‌ଗ୍ରସ୍ତ; ପ୍ରୌଢ଼ ଯେତେବେଳେ—ସେତେବେଳେ ସନ୍ତାନ ସନ୍ତତି ଏବଂ ସେମାନଙ୍କର ଚିନ୍ତା ତାହାକୁ ଠିକ୍ ପଥରେ ସ୍ଥିର ରଖେ; ବୃଦ୍ଧ ଯେତେବେଳେ—ସେତେବେଳେ ପ୍ରତି ମୁହୂର୍ତ୍ତରେ ଖାଇବା ବସିବା ଚାଲିବା ସବୁଥିରେ ଅନ୍ୟ ଏକ ବ୍ୟକ୍ତିର ସାହାଯ୍ୟ ଲୋଡ଼ା ହୁଏ । ଏପରି

Digitized by PPRACHIN, SOA

ଯେଉଁ ମନୁଷ୍ୟ ଜୀବନ, ସେଥିରେ ଏହି ଅଦ୍ୟ ଅନ୍ଧ ପ୍ରଣୟମୁଗ୍ଧ ପୂର୍ଣ୍ଣ ଯୌବନମଦୋଦ୍ଭାସମାନ ଏହି ଯୁବକକୁ ଅବା କି ଗାଳି ଦେବ ପାଠକ ! ଥରେ ସ୍ଥିର ଚିତ୍ତରେ ଚକ୍ଷୁ ବୁଜି ବିବେଚନା କରି ସ୍ଥିର କର ।

ଯୁବକ ଅନ୍ଧ ପ୍ରଣୟରେ ମୁଗ୍ଧ ହୋଇ ନିଜ ପରିଣୀତା ସ୍ତ୍ରୀର ଚିନ୍ତା ଆଉ କଲା ନାହିଁ । ଦୁଇଟି ଜୀବନ ଏଣୁ କରି ଜୀବନ-ନଦରେ ବିକ୍ଷିପ୍ତ ହୋଇ ପଡ଼ିଲା । ଗୋଟିଏ ନିରାଶ୍ରୟ ଭାବରେ ଏଣେତେଣେ ଭିକ୍ଷା କରି ବୁଲିବାକୁ ଲାଗିଲା; ଅନ୍ୟଟି ପାପର ପ୍ରଣୟ ମୂର୍ତ୍ତି ସହିତ ଆଶ୍ଳିଷ୍ଟ ହୋଇ ରହିଲା; ଉଭୟଙ୍କ ଜୀବନ ଦୁଃଖମୟ କହିବାକୁ ହେବ—କାରଣ ସ୍ତ୍ରୀଟି ତ ଅନାଥା ହୋଇ ସଂସାରମଧ୍ୟରେ ବୁଲିବାକୁ ଲାଗିଲା; ଆଉ ପୁରୁଷଟି ଯେଉଁ ପ୍ରଣୟବଲ୍ଲରୀକୁ ଚିରକାଳ ଆଶ୍ଳେଷ କରି ରହିବ ବୋଲି ଭାବି-ଥିଲା, ସେ ପ୍ରଣୟବଲ୍ଲରୀ କଣ ତାର ଚିରକାଳ ହୋଇ ରହିଲା ? ଏହି ପାପସ୍ୱଭାବା ନାରୀର ଚରିତ୍ର ଚିତ୍ରଣ କରିବାକୁ ଲେଖକ କୁଣ୍ଠିତ । ଯେ ପାପସ୍ୱଭାବା, ସେ କିପରି ଏକ ପୁରୁଷକୁ ଅବା ଚିରକାଳ ଆଶ୍ରୟ କରି ରହିବ ? ସୁତରାଂ ତାହାର ଯୌବନ-ମଦରେ ସେ ନାନା ବାସନା ଚରିତାର୍ଥ କଲା । କିନ୍ତୁ ଯୌବନ ତ ଆଉ ଚିରଦିନ ରହେ ନାହିଁ; ଫଳତଃ ତାର ରୂପରେ ଯେଉଁ ଆକର୍ଷଣ ଥିଲା, ତାହା କମିବାକୁ ଲାଗିଲା ଏବଂ ଦୁଷ୍ଟ ପାପର ଫଳସ୍ୱରୂପ ଅକାଳଜରା ଏବଂ ଅନ୍ୟାନ୍ୟ ଉପଦଂଶଜାତୀୟ ରୋଗ ଦେହବଲ୍ଲରୀକୁ ଶୋଷି ପକାଇଲା, ଘା କରି ପକାଇଲା ! ଉଃ ! ସେ ଯେ ଅବର୍ଣ୍ଣନୀୟ । ଯୁବକଟିର ମଧ୍ୟ କ୍ରମେ କ୍ରମେ

Digitized by PPRACHIN, SOA

ଅଙ୍ଗ ଶିଥିଳ ହୋଇଆସିଲା, ନିଶା ଦ୍ରବ୍ୟଦ୍ୱାରା ତାହାର ଶରୀର କ୍ରମେ କ୍ରମେ ଭାଙ୍ଗି ପଡ଼ୁଥିଲା; ଅଜ କର୍ମ କରି ଉପାର୍ଜ୍ଜନ କରିବା ପାଇଁ ଶକ୍ତି ନାହିଁ, ଇଚ୍ଛା ମଧ୍ୟ ହେଉ ନାହିଁ । ଅଳ୍ପ ଦିନର ସୁଖ ଭୋଗ ବର୍ତ୍ତମାନ ତାହାକୁ କେଉଁ ଅତୀତର ସ୍ୱପ୍ନ ପରି ବୋଧ ହେବାକୁ ଲାଗିଲା । ତଥାପି ସେ ନିଜ ପରିଣୀତା ସ୍ତ୍ରୀ ଏବଂ ନିଜର କନ୍ୟାଟିର କଥା ଭାବିଲା ନାହିଁ । ଭାବିବ କଣ ? ଭାବିବାର ଶକ୍ତି ମଧ୍ୟ ତାର ଲୋପ ପାଇ ପାରିଲାଣି । ଏହାହିଁ ତ ଅତିରିକ୍ତ ଇନ୍ଦ୍ରିୟଭୋଗର ପରିଣାମ ।

(୩)

ସ୍ତ୍ରୀଟି ବାଳିକାକୁ ନେଇ ନେଇ କର୍ମ କରୁଥାଏ ଏବଂ ଦୁଇ ପଇସା ନିଜ ପେଟପାଇଁ ରୋଜଗାର କରି ବୁଲୁଥାଏ । କୌଣସି ଦୟାଳୁ ଗୃହସ୍ଥ ଘରେ ବାସନ ମାଜି, ଧାନ କୁଟି, ବଜାର ସଉଦା କରି ଜୀବନ ଅତିବାହିତ କରୁଥାଏ । ଦେଖୁଁ ଦେଖୁଁ କେତେ ବର୍ଷ ଅତିବାହିତ ହୋଇଗଲାଣି; ତାହାର କନ୍ୟାଟିକୁ ୧୦ ବର୍ଷ ହେଲାଣି । ମା ବର୍ତ୍ତମାନ ପୂର୍ବ ସମୟର ଦୁଃଖ କଷ୍ଟ ମଧ୍ୟ ଏକପ୍ରକାର ପାସୋରି ଗଲାଣି । ସମୟରେ ସବୁ ଏହିପରି ହୁଏ । ଏହା ନ ହେଉଥିଲେ ଜୀବନ ଦୁର୍ବହ ହେଉଥାନ୍ତା । ଲୋକେ ପାଗଳ ହୋଇ ସବୁବେଳେ ଆତ୍ମହତ୍ୟା କରୁଥାନ୍ତେ କିମ୍ବା ଅନ୍ୟ କୌଣସି ମହାନଷ୍ଟ ସମ୍ପାଦନ କରୁଥାନ୍ତେ । କିନ୍ତୁ କାଳ ସର୍ବଦୁଃଖାପହାରୀ; କାଳ ମନୁଷ୍ୟକୁ ଧୀରେ ଧୀରେ ବାଲ୍ୟର ସୁଖମୟ ଜୀବନ ମଧ୍ୟଦେଇ ଯୌବନର ଚପଳ ଚଞ୍ଚଳ

Digitized by PPRACHIN, SOA

ତରଙ୍ଗାକୁଳ ଇନ୍ଦ୍ରିୟଶାଣିତ ପ୍ରେମନଦିକୁ ବାଟ ଦେଇ ପ୍ରୌଢ଼ର ଅପେକ୍ଷାକୃତ ଶାନ୍ତ ଉଦାର ଏବଂ ଉଚ୍ଚ ଜୀବନ ଦେଇ ବାର୍ଦ୍ଧକ୍ୟର ଶାନ୍ତିପୂର୍ଣ୍ଣ ଉଦାସମୟ ଅନାସକ୍ତ ଜୀବନକୁ ନେଇ ଯାଉଥାଏ ଏବଂ ସଙ୍ଗେ ସଙ୍ଗେ ମନୁଷ୍ୟ ଏହିସବୁ ନୂତନ ନୂତନ ଅଭିଜ୍ଞତାଗୁଡ଼ିକ ଅନୁଭବ କରୁ କରୁ ଭାବୁ ଭାବୁ ଅତି ପ୍ରକୃତିର ଇଙ୍ଗିତରେ କ୍ରମେ ଏ ଭୌତିକ ଶରୀର ପରିବର୍ତ୍ତନ କରି ଆକାଶରେ ମିଳିତ ହୋଇଯାଏ—ଯେ ସୂକ୍ଷ୍ମାନୁସୂକ୍ଷ୍ମ ଜୀବନକୁ ମର୍ତ୍ତ୍ୟର ଇନ୍ଦ୍ରିୟଦ୍ୱାରା ଆଉ ସ୍ପର୍ଶ, ଘ୍ରାଣ କିମ୍ବା ଦର୍ଶନ କରି ହୁଏ ନାହିଁ ।

ଏହିପରିଭାବରେ ସଂସାର ଚାଲି ଆସିଅଛି—କେଉଁ କାଳରୁ କିଏ ଜାଣେ ? ଏବଂ ଏହିପରିଭାବରେ ଆଉ କେତେ ଲକ୍ଷ କିମ୍ବା କୋଟି ଯୁଗ ଧରି ଚାଲିବ, ଅବା କିଏ ଜାଣେ ? ସୂର୍ଯ୍ୟ ଯେତେବେଳେ ବୁଡ଼ିଯିବ, ଚନ୍ଦ୍ର ଯେତେବେଳେ ବୁଡିଯିବ, ଅନନ୍ତ ନକ୍ଷତ୍ର ଯେତେବେଳେ ବୁଡିଯିବ, ଅସଂଖ୍ୟ ବିଭିନ୍ନ ପ୍ରାଣୀ ଯେତେବେଳେ ମୂର୍ଚ୍ଛିତ ଏବଂ ମୃତ ହୋଇଯିବେ ଏବଂ କ୍ଷିତ୍ୟପ୍ତେଜମରୁଦ୍‌ବ୍ୟୋମ ସଙ୍ଗରେ ମିଶିଯିବେ— ଯେତେବେଳେ ଏହି ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ବୈଚିତ୍ର୍ୟ ବିଲୁପ୍ତ ହୋଇଯିବ—ରହିବ କେବଳ ଅନନ୍ତ ଶକ୍ତିର ଅନନ୍ତ ନିଃଶ୍ୱାସ ଏହି ବାୟୁରେ; ରହିବ କେବଳ ଅନନ୍ତ କାହାର ବିଶାଳ ବପୁ ଏହି ବ୍ୟୋମ ପୂର୍ଣ୍ଣ କରି; ରହିବ କେବଳ ଏହି ସମସ୍ତ ଜଡ଼ ପଦାର୍ଥ କ୍ଷୁଦ୍ର ପରମାଣୁ ହୋଇ; ରହିବ କେବଳ ଏହି ସମଗ୍ର ବିଶ୍ୱଭାସ ଗୁପ୍ତ ଅଥବା ସୁପ୍ତ ହୋଇ, ଯେପରି ଦିଅଶିଣ୍ଠିକାଟିରେ

Digitized by PPRACHIN, SOA

ଅଗ୍ନି ସୁପ୍ତ ହୋଇ ରହିଥାଏ—ସେତେବେଳେ ସଂସାରବାସିର ସମସ୍ତ ଦୁଃଖର ଅବସାନ ହେବ, ସମସ୍ତ ଦୈନ୍ୟ ଘୁଞ୍ଚିଯିବ, ସେତେବେଳେ ନାରୀର ଦୁଃଖ ରହିବ ନାହିଁ, ଯୁବକର ଉତ୍କଣ୍ଠା ରହିବ ନାହିଁ, ଶିଶୁର ନିମ୍ପାଙ୍କୁରିତ ଜୀବନ ରହିବ ନାହିଁ—ରହିବ କେବଳ ଏକ—ଏକ—ଏକ, ଅଗମ୍ୟ ଏକ ରହିବ। ନାରି! ସେହି ସମୟ ପର୍ଯ୍ୟନ୍ତ ଦୁଃଖ କରିବାକୁ ହେବ; ଅତଏବ ଅସ୍ଥିର ହୁଅ ନାହିଁ। ସେତେବେଳେ ସ୍ୱାମୀ, ତୁମେ, ତୁମର କନ୍ୟା, ସମସ୍ତେ ଏକ ହୋଇଯିବ।

Digitized by PPRACHIN, SOA

ପତିବ୍ରତା ।

ଅଧୁନିକ ଭାରତବାସିନୀ ନାରୀର ପତିଭକ୍ତି କଳ୍ପିତ ହାସ୍ୟାସ୍ପଦ । ପୁରୁଷର ସ୍ୱାତନ୍ତ୍ର୍ୟ ଉପରେ ନାରୀର କୌଣସି ଅଧିକାର ନାହିଁ; କିନ୍ତୁ ନାରୀର ସ୍ୱାତନ୍ତ୍ର୍ୟ ଉପରେ ପୁରୁଷର ସମ୍ପୂର୍ଣ୍ଣ ଅଧିକାର ଅଛି; ଫଳତଃ ନାରୀର ପତିଭକ୍ତି ସମ୍ପୂର୍ଣ୍ଣ ପତି ଉପରେହିଁ ନିର୍ଭର କରେ, ନାରୀ ଉପରେ ନିର୍ଭର କରେ ନାହିଁ ।

ସେଦିନ ଗୋଟିଏ ଘଟନା ଦେଖିଲି ଅଥବା ସେ ଘଟନା ଅଦ୍ୟାପି ଦେଖୁଅଛି । ବୀଣାପାଣିର ଜନ୍ମ ଏକ ଗରିବ ଶୂଦ୍ର ଘରେ; ପିତାର ଏକମାତ୍ର କନ୍ୟା, ମାତାର ଏକମାତ୍ର ଆଦରର ସମ୍ପତ୍ତି; ତାହାର ବାଲ୍ୟବିବାହ ହେଲା । ସ୍ୱାମୀ ଯେ କି ବସ୍ତୁ, ତାହାର ଧାରଣା ହୋଇ ନାହିଁ; କିନ୍ତୁ ସେ ଶାଶୁଘରକୁ ମଧ୍ୟରେ ମଧ୍ୟରେ ଆସେ ଏବଂ ସେଠାରେ ଦୁଇ ଦିନ, ଚାରି ଦିନ, କେବେ କେବେ ଅବା ମାସେ ଦୁଇ ମାସ ରହେ । ସେ ତାର ସ୍ୱାମିକୁ ଲଜ୍ଜା କରି ଓଢ଼ଣା ଟାଣିଦିଏ, ସର୍ବଦା ଲଜ୍ଜାସ୍ମିତ-ଭାବରେ ଥାଏ, ଅତି ସନ୍ତର୍ପଣରେ ଥାଏ; ହଠାତ୍ ସ୍ୱାମିର ମୁଖ ଦର୍ଶନ ହୋଇଗଲେ ଅବା ସେମାନେ ଚାରିଚକ୍ଷୁ ହେଲେ, ବୀଣାପାଣିର ଲଜ୍ଜାର ଆଉ ପରିସୀମା ରହେ ନାହିଁ । ବୀଣାପାଣି ଶାଶୁଘରେ ସବୁ କାମ କରେ; ବାସିପାଇଟିଠାରୁ ଭାତରନ୍ଧା ବାସନ ମଜ୍ଜା ପର୍ଯ୍ୟନ୍ତ ସବୁ କାମ ସେ କରେ; ଏପରିକି ସକାଳୁ

Digitized by PPRACHIN, SOA

ଜ୍ୱତି ସନ୍ଧ୍ୟା କାହିଁକି ରାତ୍ରି ୯ଟା ୧୦ଟା ପର୍ଯ୍ୟନ୍ତ ଗୋଟିଏ ୧୦ ବର୍ଷର ବାଳକା ପକ୍ଷରେ ଯାହା ସମ୍ଭବ ହୋଇ ପାରେ, ସେସବୁ କାମ ସେ କରେ । ବୀଣାପାଣି ସବୁ କାର୍ଯ୍ୟ ଅକାତରରେ କରେ; ସେ ଜାଣେ ନାହିଁ ଯେ, ସରକାରର Mills Act ଦ୍ୱାରା ମଧ୍ୟ ଏତେ ପରିଶ୍ରମ କରାଇଲେ ନିଯୋକ୍ତାର ଦଣ୍ଡବିଧାନ ହୋଇ ପାରେ; ସେ ଜାଣେ ନାହିଁ ଯେ, ତାହାର ଜୀବନର ମୂଲ୍ୟ କିଛି ଅଛି; ସେ ଜାଣେ ଯେ, ତାକୁ କାର୍ଯ୍ୟ କରିବାକୁ ହେବ ଘରେ ରହି ଦିନ ପରେ ଦିନ, ମାସ ପରେ ମାସ, ଜୀବନର ଶେଷ କାଳ ପର୍ଯ୍ୟନ୍ତ । ନାରୀ ଜୀବନର ଯେ ଗୋଟିଏ ମୂଲ୍ୟ ଅଛି, ତାହା ଆମ ଦେଶର ସେହି ସାନ ସାନ ବାଳିକାମାନେ ଜାଣିବାପାଇଁ ଗୋଟିଏ ସାମାନ୍ୟ ଅବସର ସୁଦ୍ଧା ଦିନେ ହେଲେ ପାନ୍ତି ନାହିଁ ଏବଂ ଆମ ଦେଶର ପୁରୁଷପୁଙ୍ଗବମାନେ ମଧ୍ୟ ସେହିପରି ହୀନ ପଶୁ ପରି ସେମାନଙ୍କୁ କାର୍ଯ୍ୟରେ ଖଟାନ୍ତି । ସୁତରାଂ ବୀଣାପାଣିର କିଛି ଦୋଷ ନାହିଁ ଯେ ଅତିରିକ୍ତ ପରିଶ୍ରମ କରି ସମସ୍ତଙ୍କୁ ଖୁସି କରେ ଏବଂ ତଦ୍ୱାରା ସ୍ୱାମିଗୃହର ସେବା କରିବାକୁ ଶିଖେ ।

ବୀଣାପାଣି ଆଜ ଆଉ ବାଳିକା ନୁହେ । ଚିର ଦିନ କେହି ବାଳିକା ହୋଇ ରହି ନ ପାରେ । ପ୍ରକୃତ ଜୋର କରି ସମସ୍ତଙ୍କୁ ଯୌବନ ପ୍ରୌଢ଼ ବାର୍ଦ୍ଧକ୍ୟ ଆଡ଼କୁ ଟାଣି ନେଇ ଯାଉଅଛି; ସେ ଜୋର କରି ସମସ୍ତଙ୍କୁ ପୃଥିବୀର ଏହି ମନୋରମ ସୁଦୃଶ୍ୟ ସୁଭୋଗ୍ୟ ବସୁନ୍ଧରାରୁ ଅନ୍ୟ ଏକ ରାଜ୍ୟକୁ ନେଇ ଚାଲି

Digitized by PPRACHIN, SOA

ଯାଉଅଛି । ଅତଏବ ବୀଣାପାଣି ଚିରକାଳ ଅବା ବାଳିକା ବୟସରେ ରହିବ କିପରି ? ଏଣୁକରି ବୀଣାପାଣିର ଯୌବନ କାଳ ଉପସ୍ଥିତ ହେଲା । ତାହାର ବିବାହ ହେବ; ଦ୍ୱିତୀୟ ବିବାହ ହେବ; ଏଥର ସ୍ୱାମୀ ସ୍ତ୍ରୀର ମୁଖାବଲୋକନ ହେବ, ଏଥର ଜୀବନର ସୂକ୍ଷ୍ମ ଦଣ୍ଡଟି ପାକ ଖାଇବ, ଏଥର ପରସ୍ପର ସମ୍ପର୍କରେ ଦୁଇ ଜୀବନର ପରସ୍ପର ମିଳନରେ ସନ୍ତାନ ସନ୍ତତି ହେବ, ଗୃହ ସଂସାର ହେବ, ଭବିଷ୍ୟତର ଦାୟିତ୍ୱ ମୁଣ୍ଡ ଉପରେ ଆସି ପଡ଼ିବ, ଜୀବନର ଗୁରୁତ୍ୱ ଉପଲବ୍ଧି କରିବାକୁ ହେବ । ଏ କିଛି କମ ପରିବର୍ତ୍ତନ ନୁହେ ମନୁଷ୍ୟର ଜୀବନରେ । ବାଲ୍ୟ-ଠାରୁ ଯୌବନକୁ ଆସିବା, ବ୍ରହ୍ମଚର୍ଯ୍ୟର ଅବସ୍ଥାରୁ ଗୃହର ଅବସ୍ଥାକୁ ଆସିବା, ଦଣ୍ଡଟି ଜୀବନର ମୃଣାଳ ଏକ ସଙ୍ଗେ ଜଡ଼ାଇ ଦେଇ ଏକ ମୃଣାଳର ଉତ୍ପାଦନ କରିବା ଏବଂ ସଙ୍ଗେ ସଙ୍ଗେ ପଦ୍ମ ଫୁଟାଇବା—ଏ ସବୁ ଯେପରି ସୁଖକର, ସେପରି ଦାୟିତ୍ୱ-ପୂର୍ଣ୍ଣ, ସେପରି ବିଚାର କରିବାର କଥା, ଭାବିବାର କଥା; କାରଣ ଏହା ଉପରେ ଅଖଣ୍ଡ ଜୀବନ ନିର୍ଭର କରୁଅଛି, ସୁଖ ନିର୍ଭର କରୁଅଛି, ଆନନ୍ଦ, ପବିତ୍ରତା, ଶାନ୍ତି, ସନ୍ତୋଷ, ସମସ୍ତ ନିର୍ଭର କରୁଅଛି ।

ବୀଣାପାଣିର କନ୍ୟାଟି ଦୁଇ ଜୀବନର ସମ୍ମିଳିତ ଜୀବନର ବିକାଶ, ଦୁଇ ପଦ୍ମର ଆଶ୍ଚର୍ଯ୍ୟ ଢଙ୍ଗରେ ମିଳିତ ପରିବର୍ତ୍ତିତ ଏକ ସୁନ୍ଦର ପଦ୍ମ; ଏହାକୁ ସ୍ୱାମୀ ଏବଂ ସ୍ତ୍ରୀ ଉଭୟେ ମୁଗ୍ଧ ହୋଇ ଦେଖିବାକୁ ଲାଗିଲେ ଭାବିବାକୁ ଲାଗିଲେ ଏବଂ ଅଳ୍ପରେ ମୁଗ୍ଧ ଏବଂ ବିସ୍ମୟାନ୍ୱିତ ହେଲେ । "ଆମ୍ଭେମାନେ ଏମାନଙ୍କୁ କଣ ଗଢ଼ୁ

Digitized by PPRACHIN, SOA

ଥିଲ୍ଲ ?” ଏ କୁଅଡ଼ୁ କପଟ ଭାବରେ ଅଶ୍ଚର୍ଯ୍ୟ ରହସ୍ୟପୂର୍ଣ୍ଣ ଭାବରେ ଅମ୍ଭମାନଙ୍କ କ୍ରୋଡ଼କୁ ଖସି ଅଇଲ ? ଏହାର ଜନ୍ମ ମୋର ଉଦରରେ, ଏହାର ଜନ୍ମ ମୋର ଔରସରେ—ଏହାପରେ ସେମାନେ ସ୍ୱାମୀ ସ୍ତ୍ରୀ ଭାବିବାକୁ ଲଗିଲେ । ଏହାପରେ ଭାବୁ ଭାବୁ ସ୍ୱାମିର ଚିତ୍ତରେ କିଛି ପରିବର୍ତ୍ତନ ଖେଳିଲା; ସେ ଅଜଠାରୁ ପବିତ୍ର ବ୍ରହ୍ମଚର୍ଯ୍ୟରେ ଜୀବନ ଯାପନ କରିବ ବୋଲି ମନସ୍ଥ କଲା । ସ୍ତ୍ରୀକୁ ବ୍ରହ୍ମଚର୍ଯ୍ୟର ଗୌରବ ବୁଝାଇବାକୁ ଲଗିଲା । ସ୍ତ୍ରୀ କୌଣସି କଥାରେ ଅସମ୍ମତ ନୁହେ; କାର୍ଯ୍ୟତଃ ସ୍ୱାମିର ବ୍ରହ୍ମଚର୍ଯ୍ୟ ବ୍ରତ ସହଜରେ ଆରମ୍ଭ ହେଲା । କିନ୍ତୁ ଲଳନା ଲଳନା—ଇନ୍ଦ୍ରିୟଦମନର ଅଦମ୍ୟ ଇଚ୍ଛା ସତ୍ତ୍ୱେ ଇନ୍ଦ୍ରିୟର ଜୟ । ଏହା ବଡ଼ ବିଚିତ୍ର । ପୁରୁଷ ନାରୀ ହୃଦୟରେ ନିଜ ଜୀବନର ଅକାଙ୍କ୍ଷାର ପ୍ରତିଧ୍ୱନି ପାଏ, କିନ୍ତୁ ତାହାର ସେ କ୍ଷମତା, ସେ ବଳ ତାହାର ଶିକ୍ଷା ଦୀକ୍ଷା—ପିଲାଦିନରୁ ଅଜ-ପର୍ଯ୍ୟନ୍ତ—ତାହାର ଚେଷ୍ଟା ପକ୍ଷରେ ବାଧା ଦେଉଅଛି । ସେ ଜାଣେ ସ୍ୱାମିର ବ୍ରତ ରକ୍ଷା କରିବା, ସେ ଯଦି ‘ନା’ କରେ, ସ୍ୱାମୀ ତା ଉପରେ କ୍ରୁଦ୍ଧ ହେବେ ପରା ! ସ୍ୱାମିର ପ୍ରାଣରେ ମହା-କଷ୍ଟର ସଞ୍ଚାର ହେବ ପରା ! ଅଗତ୍ୟା ସେ ବାଧ୍ୟ ହୋଇ ନିଜ ଶରୀରକୁ ସ୍ୱାମିର ସେହି ବୁଭୁକ୍ଷିତ ଲାଳାୟିତ ଇନ୍ଦ୍ରିୟ ନିକଟରେ ଆହୁତି ପ୍ରଦାନ କରେ । ଏପରି ପତିଭକ୍ତି ଅଜ ଅମ୍ଭମାନଙ୍କ ଦେଶରେ ଅତ୍ୟଧିକ ପରିମାଣରେ ଦେଖା ଯାଉଅଛି । ଏହାର ପ୍ରତୀକାର କରିବା ଶୀଘ୍ର ହିଁ ବାଞ୍ଛନୀୟ । ନାରୀର ଜୀବନରେ ନିଜ ଜୀବନର ‘ମହାନ୍ ଅକାଙ୍କ୍ଷାର ଶବ୍ଦ ବା ପ୍ରତିଧ୍ୱନି ପାଇଁବ ସୁଦ୍ଧା, ଅଜକାଲି ନାମୀ ପୁରୁଷର ଧର୍ମପଥରେ, ଉଚ୍ଚାକାଙ୍କ୍

Digitized by PPRACHIN, SOA

ବିଜ୍ଞାପନ ।

———○———

ଶ୍ରୀଯୁକ୍ତ ବାବୁ ବୈଷ୍ଣବଚରଣ ମହାପାତ୍ରଙ୍କ ରଚିତ ପୁସ୍ତକମାନ ଅମୃତକଟରେ ବିକ୍ରୟାର୍ଥ ରହିଅଛି । କୌଣସି ସାହିତ୍ୟପ୍ରେମିକ ପାଠକ ପାଠିକା ନିମ୍ନଲିଖିତ ଠିକଣାରେ ପତ୍ର ଲେଖିଲେ ଅନାୟାସରେ ପାଇପାରିବେ । ଉଚିତ କମିଶନ ମଧ୍ୟ ଦିଆଯାଏ । ଇତି

୧ ବିପତ୍ତିଣ ବନ୍ଦନ (ଭକ୍ତିରସାତ୍ମକ) ଟ ୦ / ୬

୨ ନବ ବାଟିକା (ରାଧାନାଥଗୁଣପ୍ରକାଶିକା) ଟ ୦ ୯ ୬

୩ ମହିସନ୍ନ୍ୟାସୀ (ହାହାରଙ୍କ ଦୁଃଖ ସମ୍ବନ୍ଧୀୟ) ଟ ୦ / ୬

୪ କପିଳାସ (ବର୍ଣ୍ଣନାତ୍ମକ କାବ୍ୟ) ଟ ୦ ।/

୫ ଲଲିତାସୁନ୍ଦରୀ (କାବ୍ୟ) ଟ ୯ ।

୬ (ପଲ୍ଲୀ ପ୍ରକୃତି ଯନ୍ତ୍ରସ୍ଥ) (ବର୍ଣ୍ଣନାତ୍ମକ କାବ୍ୟ) ଟ ୦ ।

ସାହିତ୍ୟ ପୁସ୍ତକ ଏତେ ସୁଲଭରେ ମିଳିବା ସମ୍ପ୍ରତି ଏହି ମଣ୍ଡଳରେ ବିରଳ ।

ପ୍ରାପ୍ତିସ୍ଥାନ :—

ଶ୍ରୀ ହରେକୃଷ୍ଣ ଦାସ, ପ୍ରୋପ୍ରାଇ[illegible]

ଚନ୍ଦ୍ରୋଦୟ ପ୍ରେସ୍,

ବାଲୁବଜାର, ପୋଃ ଅଃ ଚାନ୍ଦନଚଉକ, କଟକ ।

Digitized by PPRACHIN, SOA